୬ ତୃତୀୟ ଭାରତୀୟ ରେସଲର୍‌ର ଭାବରେ ଯୁ-୨୩ ବିଶ୍ୱ ଚାମ୍ପିୟନ୍ ହେଲେ ଚିରାଗ ଚିକ୍କାରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୨୭୧ ● ୩୦ ଅକ୍ଟୋବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-271 ● 30th October 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, ୨୯।୧୦
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡ଼ିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଂ ଲାବୋରେଟୋରୀର ଉଦ୍‌ଘାଟନ କରିଥିବା ବେଳେ, ଖୋର୍ଦ୍ଧା ଜିଲ୍ଲା ବିଞ୍ଝଗିରି ଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହିତ ବରଗଡରେ ଏକ କ୍ରିଟିକାଲ୍ କେୟାର ସେଣ୍ଟରର ଉଦ୍‌ଘାଟନ ମଧ୍ୟ କରିଛନ୍ତି । ଏହି ସବୁ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀଠାରେ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଗୋଠପାଟଣା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏହି ଡ୍ରଗ ଟେଷ୍ଟିଂ ଲାବୋରେଟୋରୀ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଥିବା ଭଲପାଇବାର ନିଦର୍ଶନ । ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ଆମ ରାଜ୍ୟ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରୟୋଗଶାଳାର ସ୍ଥାପନା ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହା ପୂର୍ବରୁ ଆମକୁ ଔଷଧର ମାନ ପରୀକ୍ଷଣ ପାଇଁ ରାଜ୍ୟ ବାହାରର *(ପୃଷ୍ଠା ୭ରେ)*




ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୨୪ ପାଳିତ

# ପ୍ରତି ଗାଁରେ ରେସ୍‌ପନ୍ସ ଟିମ୍ ଗଠନ କରାଯିବ

ଭୁବନେଶ୍ୱର, ୨୯।୧୦
ନ୍ୟୁଜ୍ ବ୍ୟୁରୋ

ପ୍ରାକୃତିକ ବିପର୍ଯ୍ୟୟ ଆଜି ଆମ ସହଚର ପାଲଟିଛି । ଆମ ପାଖରେ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଅତ୍ୟାଧୁନିକ ଉପକରଣ ସବୁ ରହିଛି । ଆଜି ଓଡ଼ିଶା ସରକାର ଯେତେ ବିପର୍ଯ୍ୟୟ ଆସିଲେ ମଧ୍ୟ ତାକୁ ମୁକାବିଲା କରିବା ପାଇଁ ସକ୍ଷମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୨୪ ଅବସରରେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ୧୯୯୯ ମହାବାତ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ଯୋଗୁ ଯେଉଁ ସବୁ ମୂଲ୍ୟବାନ ଜୀବନହାନୀ ହୋଇଛି, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଗତ ସପ୍ତାହରେ ଆମ ରାଜ୍ୟ ବାତ୍ୟା 'ଦାନା'ର ସମ୍ମୁଖୀନ ହୋଇଥିଲା । ଏହି ବାତ୍ୟାରେ ୧୧ଟି ଜିଲ୍ଲାର ୬୦୦୦ରୁ ଅଧିକ ଗାଁ ଓ ସହରାଞ୍ଚଳ ପ୍ରଭାବିତ ହୋଇଥିଲା । ସୁଦୃଢ ପ୍ରାକପ୍ରସ୍ତୁତି ଏବଂ ଟିମ୍ ୱାର୍କ ଯୋଗୁ ଆମେ ପ୍ରାୟ ୮ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲୁ । ନିର୍ଭୁଲ ପ୍ରାକ ସତର୍କ ସୂଚନା ଏବଂ ବୈଷୟିକ ଜ୍ଞାନର ବ୍ୟବହାର ଦ୍ୱାରା ବିପର୍ଯ୍ୟୟ ପ୍ରବଣ ସ୍ଥାନମାନଙ୍କରେ ରେସ୍‌ପନ୍ସ ଟିମ୍ ନିୟୋଜନକୁ ତ୍ୱରାନ୍ୱିତ କରାଯାଇଥିଲା । ଏନଡିଆରଏଫ, ଓଡ୍ରାଫ, ଫାୟାର, ଫରେଷ୍ଟ ଏବଂ ପୋଲିସର ମୋଟ ୩୮୮ ରେସପନ୍ସ ଟିମ ନିୟୋଜିତ ହୋଇଥିଲେ । ଆମର ଲକ୍ଷ୍ୟ ଥିଲା 'ଶୂନ୍ୟ ଜୀବନହାନୀ' । ଏହି ବାତ୍ୟାରେ ଆମେ ଆମର ଲକ୍ଷ୍ୟ ହାସଲ କରିଛୁ । ବିଗତ ୨୫ ବର୍ଷରେ ଓଡ଼ିଶା ବହୁ ବାତ୍ୟାର ସମ୍ମୁଖୀନ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ବନ୍ଦ କରିପାରିବା ନାହିଁ । ଆମେ କ୍ଷୟକ୍ଷତିକୁ କମେଇ ପାରିବା ଓ ନିଜକୁ ସୁରକ୍ଷିତ ରଖିପାରିବା ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଏସବୁ ପ୍ରାକୃତିକ ବିପର୍ଯ୍ୟୟରୁ ଆମକୁ ବହୁତ ଶିକ୍ଷା ମିଳିଛି । ନୂଆ କାମ କରିବା ପାଇଁ ନୂଆ ଚିନ୍ତାଧାରା ମିଳିଛି । ଆଗକୁ ପ୍ରତି ଗାଁରେ ଗୋଟେ ଲେଖାଏଁ ରେସ୍‌ପନ୍ସ ଟିମ ଗଠନ କରାଯିବ । ରାଜ୍ୟରେ ଥିବା ୮୪୪ଟି ବାତ୍ୟା / ବନ୍ୟା ଆଶ୍ରୟସ୍ଥଳୀର ଢାଞ୍ଚାକୁ ପରିବର୍ତ୍ତନ କରାଯିବ । ଏହାକୁ ସ୍କୁଲ ତଥା ଆଶ୍ରୟସ୍ଥଳୀରେ ପରିଣତ କରାଯିବ । ରାଜ୍ୟରେ ଗୋଟିଏ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା *(ପୃଷ୍ଠା ୭ରେ)*



## ଦୀପାବଳି ପାଇଁ ଆସିଲା ଗାଇଡ୍ ଲାଇନ୍



ଭୁବନେଶ୍ୱର, ୨୯।୧୦
ନ୍ୟୁଜ୍ ବ୍ୟୁରୋ

ସୁରକ୍ଷିତ ଦୀପାବଳି ପାଳନ କରିବା ପାଇଁ ମଙ୍ଗଳବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି । ସନ୍ଧ୍ୟା ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି ।୧୨୫ ଡେସିବେଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବାକୁ ମନା କରାଯାଇଛି ।

ଗାଇଡ୍‌ଲାଇନ୍‌ରେ କୁହାଯାଇଛି, ପାର୍କ, ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାଇବାକୁ ବାରଣ କରାଯାଇଛି । ସେହିପରି ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ କୋର୍ଟଠାରୁ ୧୦୦ ମିଟର ଭିତରେ ବାଣ ଫୁଟାଇବାକୁ ମନା କରାଯାଇଛି । ଖୋଲା ସ୍ଥାନରେ କେବଳ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ବସ୍ତି ସହ ରାସ୍ତା ଓ ଜନ ଗହଳିପୂର୍ଣ୍ଣ ସ୍ଥାନରେ ବାଣ ଫୁଟାକୁ ବାରଣ କରାଯାଇଛି । ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବାକୁ ମନା କରାଯାଇଛି । ବେରିୟମ ଓ କେମିକାଲଯୁକ୍ତ ବାଣ ବିକ୍ରି ଓ ବ୍ୟବହାରକୁ ମନା କରାଯାଇଛି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ବରିଷ୍ଠ ନାଗରିକଙ୍କୁ ଉପହାର ଦେଲେ ମୋଦି
# ୧୨,୮୫୦କୋଟିର ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଶୁଭାରମ୍ଭ

ନୂଆଦିଲ୍ଲୀ, ୨୯।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନତେରାସ ଅବସରରେ ଦେଶର ବରିଷ୍ଠ ନାଗରିକମାନଙ୍କୁ ଉପହାର ଦେଇଛନ୍ତି । ଏହା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ପାଇଁ ୧୨,୮୫୦କୋଟି ଟଙ୍କା ମୂଲ୍ୟର ସ୍ୱାସ୍ଥ୍ୟ ସେବା ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ମୋଦିଙ୍କ ଏହି ଘୋଷଣା ଅନୁଯାୟୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମଜେଏୱାଇ)ରେ ମଧ୍ୟ ପରିବର୍ତ୍ତନ କରାଯାଇଛି, ଯାହାର ପ୍ରତ୍ୟକ୍ଷ ସୁବିଧା ୭୦ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କ ପାଇଁ ଉପଲବ୍ଧ ହେବ ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଅନୁଯାୟୀ ବର୍ତ୍ତମାନ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ନାଗରିକ ଆୟକର ନିର୍ବିଶେଷରେ ମାଗଣା ସ୍ୱାସ୍ଥ୍ୟ କଭରେଜ ପାଇବେ । ଏହା ସହିତ ସେମାନେ କୌଣସି ଆର୍ଥିକ ଚିନ୍ତା ନ କରି *(ପୃଷ୍ଠା ୭ରେ)*



# ଗୋବରରୁ ପ୍ରସ୍ତୁତ ଗୋ-କାଷ୍ଠରେ ସ୍ୱର୍ଗଦ୍ୱାରରେ ହେବ ଶବଦାହ

ଭୁବନେଶ୍ୱର, ୨୯।୧୦
ନ୍ୟୁଜ୍ ବ୍ୟୁରୋ

ସ୍ୱର୍ଗଦ୍ୱାରରେ ଏଣିକି ଗଛ କାଠ ବଦଳରେ ଗୋବର କାଠ ବା ଘସିରେ ହେବ ଶବ ଦାହ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ଶବ ଦାହରେ ବ୍ୟବହାର କରାଯାଏ । ଏହାଦ୍ୱାରା କାଠ ବଦଳରେ ଗୋବରରେ ତିଆରି କାଠରେ ଶବ ଦାହ ହେବ । ସରକାର ଏ ନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଖୁବ ଶୀଘ୍ର ବିଚାର ବିମର୍ଶ କରି ସ୍ୱର୍ଗଦ୍ୱାରରୁ ଏହି ପଦକ୍ଷେପ ନେବେ ସରକାର । ଏହା କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

ସେ ଆହୁରି କହିଛନ୍ତି, ଯେଉଁମାନେ ପରିଚାଳନା ଦାୟିତ୍ୱରେ ଅଛନ୍ତି ସେମାନଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ । ଗୋ ମୁତ୍ର ଓ ଗୋବରର ସଦୁପଯୋଗ ପାଇଁ ସରକାର ଚିନ୍ତା କରୁଛନ୍ତି । ଗୋମାତା ସୁରକ୍ଷା, ଗୋ-ଶାଳା ବୃଦ୍ଧିକୁ ବି ସରକାର ଗୁରୁତ୍ୱ ଦେଉଛନ୍ତି । ଗୋ-ସୁରକ୍ଷା, ଗୋ-ମୁତ୍ର ଓ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାରବିମର୍ଶ ପାଇଁ କମିଟି ଗଠିତ ହେବ । ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ । ୫ ଜଣ ମନ୍ତ୍ରୀ ଓ ୫ ଜଣ ସଚିବ କମିଟିର ସଦସ୍ୟ ରହିବେ । ଗୋ-ମାତା ସୁରକ୍ଷା, ଗୋ-ଶାଳା ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କାମଧେନୁ ଯୋଜନା ଆରମ୍ଭ କରିଛନ୍ତି ।




# ପ୍ରତ୍ୟେକ ଯୁବକଙ୍କୁ ଆମେ ଚାକିରି ଦେବୁ: ପ୍ରତିଶ୍ରୁତି ଦେଲେ ମୋଦି



ନୂଆଦିଲ୍ଲୀ, ୨୯।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କ ସରକାର ଏକ ସିଷ୍ଟମ ଗଠନ ପାଇଁ କାର୍ଯ୍ୟ କରୁଛି, ଯାହା ଦ୍ୱାରା ପ୍ରତ୍ୟେକ ଯୁବକ ସୁଯୋଗ ପାଇବେ ଏବଂ ସେମାନଙ୍କର ଆକାଂକ୍ଷା ପୂରଣ କରିପାରିବେ । ରୋଜଗାର ମେଳାର ଏକ ଅଂଶ ଭାବରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ବଣ୍ଟନ କରିବା ପରେ ୫୧,୦୦୦ରୁ ଅଧିକ ମନୋନୀତ ପ୍ରାର୍ଥୀଙ୍କୁ ସମ୍ବୋଧିତ *(ପୃଷ୍ଠା ୭ରେ)*

# ଆମେରିକା ନିର୍ବାଚନରେ ହାରିସ୍-ଟ୍ରମ୍ପ ମୁହାଁମୁହିଁ

ୱାଶିଂଟନ, ୨୯।୧୦

ଆମେରିକା ନିର୍ବାଚନ ଯେତେ ପାଖେଇ ଆସୁଛି ଏହାକୁ ନେଇ ଆଲୋଚନା ଜୋର ଧରିଛି । ନିର୍ବାଚନର ଦୁଇ ପ୍ରାର୍ଥୀ କମଳା ହାରିସ୍ ଓ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଲଢେଇ ଜୋରଦାର ହେଉଛି । ବିଭିନ୍ନ ରାଜ୍ୟମାନଙ୍କରେ ହୋଇଥିବା ନିର୍ବାଚନ ଅନୁଯାୟୀ ଉଭୟ ପ୍ରାର୍ଥୀ ପରସ୍ପରକୁ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଅନେକ ସ୍ଥାନରେ ଟ୍ରମ୍ପ ପଲା ଭାରି ହୋଇଥିବା ଦୃଷ୍ଟିଗୋଚର ହୋଇଛି । ନର୍ଥକାରୋଲିନାରେ କମଳା ହାରିସ୍‌ଙ୍କୁ ୪୮ ପ୍ରତିଶତ ମତ ମିଳିଥିବା ବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ୫୦ ପ୍ରତିଶତ ମତ ମିଳିଛି । ସେହିଭଳି ଫ୍ଲୋରିଡାରେ କମଳା ହାରିସ୍‌ଙ୍କୁ ୪୭ ପ୍ରତିଶତ ମତ ମିଳିଥିବା ବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ୫୨ ପ୍ରତିଶତ ମତ ମିଳିଛି । କାଲିଫର୍ଣ୍ଣିଆରେ କମଳା ହାରିସ୍ ଟ୍ରମ୍ପଙ୍କ ଠାରୁ ଆଗରେ ଅଛନ୍ତି । ଏଠାରେ କମଳା ହାରିସ୍ ୫୮ ପ୍ରତିଶତ ମତ ପାଇଥିବା ବେଳେ ଟ୍ରମ୍ପ ୩୯ ପ୍ରତିଶତ ମତ ପାଇଛନ୍ତି । ଟେକ୍ସାସ୍‌ରେ କମଳା ହାରିସ୍ ୪୭ ପ୍ରତିଶତ ପାଇଥିବା ବେଳେ ଟ୍ରମ୍ପ ୫୧ ପ୍ରତିଶତ ମତ ପାଇଛନ୍ତି । ଜର୍ଜିଆରେ *(ପୃଷ୍ଠା ୭ରେ)*





## ଦିଲ୍ଲୀ, ପଶ୍ଚିମବଙ୍ଗର ବରିଷ୍ଠ ନାଗରିକମାନଙ୍କୁ କାହିଁକି କ୍ଷମା ମାଗିଲେ ମୋଦି

ନୂଆଦିଲ୍ଲୀ, ୨୯।୧୦

ଦିଲ୍ଲୀ ଓ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ସମାଲୋଚନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ରାଜନୈତିକ କାରଣରୁ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରୁନଥିବାରୁ ଏହି ସବୁ ରାଜ୍ୟର ବୟସ୍କ ମାନେ ଏହି ଯୋଜନାର ଲାଭ ଉଠାଇ ପାରିବେ ନାହିଁ ।

ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଦୁଇ ରାଜ୍ୟର ବୃଦ୍ଧବୃଦ୍ଧାମାନେ ଏହାର ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅଧୀନରେ ମାଗଣା ଚିକିତ୍ସାର ଲାଭ ପାଇବାରେ ସକ୍ଷମ ହୋଇନଥିବାରୁ ସେ ଦୁଃଖିତ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ଦୀପାବଳି ଭେଟି ପାଇଲଟି
ମୋଦିଙ୍କ ଠାରୁ ନିଅ
ଆୟୁଷ୍ମାନ କାର୍ଡ ପାଇଯିବ ଜଲଦି
ଭଲ ହୋଇଯିବ ଦେହ
ଖୁସିରେ ଉଠେ କି କୋହ
ଆହା...ଏମିତିଆ ଉପହାର କେତେ
ଆହୁରି ମିଳିବ ରୁହ ।

# ସଂକଟରେ ଜୈବ ବିବିଧତା ! ଲୋପ ପାଇବାକୁ ବସିଲେଣି ୧୦ ଲକ୍ଷ ପ୍ରଜାତି



ନୂଆଦିଲ୍ଲୀ, ୨୯।୧୦

ବିଶେଷଜ୍ଞଙ୍କ ଆକଳନ ସ୍ପଷ୍ଟ ହୋଇଛି, ପୃଥିବୀର ସ୍ଥଳ ଓ ଜଳ ଭାଗରେ ଥିବା ସମସ୍ତ ଜୀବଜନ୍ତୁଙ୍କ ପାଇଁ ମଣିଷ ହେଉଛି ମୁଖ୍ୟ ବିପଦ । ମଣିଷ ମଧ୍ୟ ନିଜ ପାଇଁ ଏକ ବିପଦର କାରଣ । ମାନବର ଆବଶ୍ୟକତା ପାଇଁ ଆଧୁନିକ ଉପକରଣର ବ୍ୟବହାର ଜୀବଜନ୍ତୁ, ଉଦ୍ଭିଦ, ପ୍ରାଣୀ ସମସ୍ତଙ୍କୁ ବିପଦରେ ପକାଉଛି । ଏହି କାରଣରୁ ପୃଥିବୀରୁ ପ୍ରାୟ ୧୦ ଲକ୍ଷ ପ୍ରଜାତି ବିଲୁପ୍ତ ହେବାକୁ ଯାଉଛି ।

କଲମ୍ବିଆର କାଲିରେ ଅନୁଷ୍ଠିତ ୧୬ ଜୈବ ବିବିଧତା ସମ୍ମିଳନୀରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଏହି ସମ୍ମିଳନୀ ୨୦୩୦ ସୁଦ୍ଧା ପ୍ରକୃତିକୁ ସୁରକ୍ଷିତ ରଖିବା ଲକ୍ଷ୍ୟ ନେଇ ସଚେତନତାମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଛି । ୨ରୁ ୩ଟି ମହାସାଗର ଦୂଷିତ ହୋଇଗଲାଣି । ଆନ୍ତଃ ସରକାରୀ ବିଜ୍ଞାନ ଏବଂ ଜୈବ ବିବିଧତା ଉପରେ ନୀତି ନିର୍ଦ୍ଧାରଣ କରୁଥିବା ସଂସ୍ଥା ଅନୁଯାୟୀ, ପୃଥିବୀର ତିନି ଚତୁର୍ଥାଂଶ ମୃତ୍ତିକାରେ ବହୁ ପରିବର୍ତ୍ତନ ହୋଇସାରିଛି । ଏଥିସହ ଦୁଇ ତୃତୀୟାଂଶ ମହାସାଗର ମାନବଜାତିର ଅତ୍ୟାଧୁନିକ ବ୍ୟବହାର କାରଣରୁ ନଷ୍ଟ ହୋଇଗଲାଣି ।

ବିଶ୍ୱସ୍ତରରେ ୧୯୭୦ରୁ ୨୦୧୫ ମଧ୍ୟରେ ଆଭ୍ୟନ୍ତରୀଣ ଆର୍ଦ୍ରଭୂମିଗୁଡ଼ିକର ଏକ ତୃତୀୟାଂଶରୁ ଅଧିକ ହ୍ରାସ ପାଇଛି । ସେହିପରି ଜଙ୍ଗଲ *(ପୃଷ୍ଠା ୭ରେ)*

# ରୋବଟ୍ ଲିଭାଇବ ଭୟଙ୍କର ନିଆଁ ଓଡ଼ିଶାକୁ ଆସିଲା ୨୨ଟି ମେସିନ୍

ଭୁବନେଶ୍ୱର, ୨୯।୧୦
ନ୍ୟୁଜ୍ ବ୍ୟୁରୋ

କୌଣସି ସ୍ଥାନରେ ଭୟଙ୍କର ନିଆଁ ଲାଗିଲେ ସବୁ ଛାରଖାର କରିଦିଏ । ଏପରି ସ୍ଥାନରେ ପହଞ୍ଚି ନିଆଁ ଲିଭାଇବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଥାଏ । ମାତ୍ର ଯେଉଁ ସ୍ଥାନରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ପାରୁ ନାହାନ୍ତି ଏବେ ସେଠାରେ ପହଞ୍ଚି ନିଆଁ ଲିଭାଇବ ରୋବଟ୍ । ଏହାର ନାଁ ହେଉଛି ଫାୟାର ଫାଇଟିଂ ରୋବୋଟିକ ମନିଟର । ଓଡ଼ିଶାରେ ପ୍ରଥମ ଥର ପାଇଁ ନିଆଁ ଲିଭାଇବା ନିମନ୍ତେ ଏପରି ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ରୋବଟକୁ ବ୍ୟବହାର କରାଯାଉଛି ।



ମଙ୍ଗଳବାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି *(ପୃଷ୍ଠା ୭ରେ)*



# ବେଆଇନ ଗୋରୁ ଚାଲାଣ ବେଳେ ମାଡ଼ି ବସିଲେ ଗ୍ରାମବାସୀ : ୪ ଗାଈ ଉଦ୍ଧାର

**କୋଣାର୍କ, ନ୍ୟୁଜ ବ୍ୟୁରୋ**

ବେଆଇନ ଗୋରୁ ଚାଲାଣ ବେଳେ ମାଡ଼ି ବସିଲେ କରମଙ୍ଗା ଗ୍ରାମବାସୀ ଓ ବିଶ୍ୱହିନ୍ଦୁ ପରିଷଦ । ଏହି ଘଟଣାରେ ୪ଟି ଗାଈ ଉଦ୍ଧାର ହେବା ସହ ଗାଡ଼ିର ଡ୍ରାଇଭର ଏବଂ ଗୋରୁ ଚାଲାଣ କରୁଥିବା ବ୍ୟକ୍ତି ଅଟକ ଅଛନ୍ତି । ପୁରୀ ଜିଲ୍ଲା କୋଣାର୍କ ବ୍ଲକ୍ ଅନ୍ତର୍ଗତ ୪ ନମ୍ବର ୱାର୍ଡ କରମଙ୍ଗା ଗାଁରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, କରମଙ୍ଗା ଗାଁ ଦେଇ ଏକ ଡାଲା ଅଟୋରେ ୪ଟି ଗାଈ ଚାଲଣ ହେଉଥିଲା । ଏନେଇ ପୂର୍ବରୁ ଖବର ପାଇଥିଲେ ଗ୍ରାମବାସୀ । ଖବର ପାଇ କରମଙ୍ଗା ଗ୍ରାମବାସୀ ଓ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଏକତ୍ର ହୋଇ ୪ ଟି ଗାଈ ସହ ଗାଡିକୁ ରୋକିଥିଲେ । ପରେ ଏହି ଘଟଣା ସମ୍ବନ୍ଧରେ ପୋଲିସକୁ ଖବର ଦେଇଥିଲେ । ଏହାରି ଭିତରେ ଉକ୍ତ ଗାଡ଼ିର ଡ୍ରାଇଭର ଖସି ପଳାଉ ଥିବାବେଳେ ତାକୁ କାବୁ କରିଥଲେ ଗ୍ରାମବାସୀ । କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଡ୍ରାଇଭରକୁ ପୋଲିସ ଜିମାରେ ଦେଇଥିଲେ ଗ୍ରାମବାସୀ । କୋଣାର୍କ ପୋଲିସ ୪ଗାଈ ସହ ଚାଳକ ଏବଂ ଗୋରୁ ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି । ତେବେ ଗୋ ମାତା ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗୋ ମାତାଙ୍କୁ ସୁରକ୍ଷା ଦେବା ସହ ଗୋ ଚାଲଣ ବନ୍ଦ କରିବାକୁ ବିଶ୍ୱହିନ୍ଦୁ ପରିଷଦ ଦାବି କରିଛନ୍ତି ।

# ଭଗବାନ ବିର୍ସା ମୁଣ୍ଡା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭିଜନ ଥିଲା ଏକ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଦୁଇ ମହାନାୟକଙ୍କୁ ସ୍ମରଣ କରି କହିଛନ୍ତି ଯେ, ଦେଶର ଏକତାକୁ ନେଇ ଭଗବାନ ବିର୍ସା ମୁଣ୍ଡା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଗୋଟିଏ ଥିଲା । ପ୍ରଧାନମନ୍ତ୍ରୀ ମନ କୀ ବାତ ମାସିକ ରେଡିଓ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କ ସହିତ ନିଜ ବିଚାର ସେୟାର କରିଛନ୍ତି । କାର୍ଯ୍ୟକ୍ରମର ଏହା ୧୧୫ତମ ଏପିସୋଡ ଅଟେ । ପ୍ରଧାନମନ୍ତ୍ରୀ ମୋଦି ଗତ ବର୍ଷ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥଳୀର ଯାତ୍ରାର ଉଲ୍ଲେଖ କରି ଦୁଇ ମହାନାୟକଙ୍କୁ ଭଗବାନ ବିର୍ସା ମୁଣ୍ଡା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମରଣ କରିଛନ୍ତି।



ସେ ଦୁଇ ମହାପୁରୁଷଙ୍କୁ ସାହସ ଓ ଦୂରଦୃଷ୍ଟିର ପ୍ରତିମୂର୍ତ୍ତି ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅକ୍ଟୋବର ୩୧ରୁ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀର ବର୍ଷ ଆରମ୍ଭ ହେବ । ଏହାପରେ ନଭେମ୍ବର ୧୫ରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀ ବର୍ଷ ଆରମ୍ଭ ହେବ । ଏହି ଦୁଇ ମହାପୁରୁଷ ଭିନ୍ନ ଭିନ୍ନ ଚ୍ୟାଲେଂଜ ଦେଖିଥିଲେ, କିନ୍ତୁ ଦେଶର ଏକତାକୁ ନେଇ ଉଭୟଙ୍କ ଦୂରଦୃଷ୍ଟି ଗୋଟିଏ ଥିଲା। ସେ କହିଛନ୍ତି ଯେ, ପ୍ରତି ଯୁଗରେ ଭାରତକୁ ଚ୍ୟାଲେଂଜକୁ ସାମ୍ନା କରିବାକୁ ପଡିଛି ଏବଂ ପ୍ରତି ଯୁଗରେ ଅସାଧାରଣ ଭାରତୀୟ ଚ୍ୟାଲେଂଜ ଉପରେ ବିଜୟ ହାସଲ କରିଛନ୍ତି ।

# ଭୁବନେଶ୍ୱର ଜନପଥରେ ହେବ ପଥୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜନପଥରେ ହେବ ପଥୋତ୍ସବ । ମାଷ୍ଟରକାଣ୍ଟିନ୍ ଛକରୁ ରାମ ମନ୍ଦିର ଛକ ଦେଇ ପ୍ରଦର୍ଶନୀ ପଡ଼ିଆ ଯାଏ ପଥୋତ୍ସବ କରାଯିବ । ଏଥିସହ ୱାକାଥନ୍ ମଧ୍ୟ ହେବ । ସକାଳ ସାଢ଼େ ୭ଟାରୁ ୧୦ ଯାଏ ଏହି କାର୍ଯ୍ୟକ୍ରମ ହେବ । ଏନେଇ ଭୁବନେଶ୍ୱର ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଭୋଟର ସଚେତନତା ତଥା ନୂଆ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଏପରି ପ୍ରୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୧୭ରୁ ୧୮ ବର୍ଷ ବୟସର ପିଲାମାନେ ୱାକାଥନ୍‌ରେ ବହୁଳ ମାତ୍ରାରେ ସାମିଲ ହେବାକୁ କୁହାଯାଇଛି ।

## କେନ୍ଦ୍ର ଅନୁମତିକୁ ଅପେକ୍ଷା : ଖର୍ଚ୍ଚ ହେବ ୭୦ କୋଟି

# ରାଜ୍ୟରେ ସ୍ଥାପନ ହେବ ୭ ନୂଆ ନର୍ସିଂ କଲେଜ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୭ ନୂଆ ନର୍ସିଂ କଲେଜ ସ୍ଥାପନ ହେବ । ହେଲେ ୫ ମାସରୁ ଉର୍ଦ୍ଧ୍ୱ ସମୟ ହେଲାଣି କଲେଜ ସ୍ଥାପନ ବିଷୟ କେନ୍ଦ୍ର ସରକାରଙ୍କ ଅନୁମତି ଅପେକ୍ଷାରେ ରହିଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ମେଡିକାଲ କଲେଜ ପରିସରରେ ନର୍ସିଂ କଲେଜ ସ୍ଥାପନ ସମ୍ପର୍କିତ ଡ୍ରାଫ୍ଟ ରିପୋର୍ଟ ମାଗିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଡ୍ରାଫ୍ଟ ରିପୋର୍ଟ ଦାଖଲ ହୋଇ ସାରିଛି । କେନ୍ଦ୍ର ସରକାରଙ୍କ ପାଖରେ ଅଟକିଛି ଫାଇଲ୍। ଯାଜପୁର, ବାଲେଶ୍ୱର, ବାରିପଦା, ବଲାଙ୍ଗିର, ପୁରୀ, କୋରାପୁଟ ଓ ତାଳଚେର ଆଦି ୭ ମେଡିକାଲ କଲେଜ ପରିସରରେ ନର୍ସିଂ କଲେଜ ଖୋଲିବା ପାଇଁ ଆପାତତଃ ସ୍ଥିର ହୋଇଛି । କେନ୍ଦ୍ର ସରକାର ପ୍ରତ୍ୟେକ କଲେଜ ପାଇଁ ୧୦ କୋଟି ଲେଖାଏଁ ୭୦ କୋଟି ଟଙ୍କା ବଜେଟ୍‌ରେ ମଞ୍ଜୁର କରିଛନ୍ତି । କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାର ୪୦% ଅର୍ଥ ପ୍ରଦାନ ପାଇଁ ସ୍ଥିର ହୋଇଛି । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି । କେନ୍ଦ୍ର ସରକାରଙ୍କ ଅନୁମତି ମିଳିଲେ କାର୍ଯ୍ୟ ଆରମ୍ଭ ହେବ ।



# ଦୀପାବଳିରେ ଘଣ୍ଟାକର ନିବେଶ ବଦଳାଇବ ଷ୍ଟକ୍ ଏକ୍ସଚେଞ୍ଜ

**ମୁମ୍ବାଇ,**

ପ୍ରତିବର୍ଷ ଭାରତୀୟ ସେୟାର ମାର୍କେଟରେ ମୁହୂର୍ତ୍ତ ଟ୍ରେଡିଂ ଅଧିବେଶନର ଆୟୋଜନ ହୋଇଥାଏ। ମାତ୍ର ୧ ଘଣ୍ଟାର ଏହି ଅଧିବେଶନ କାଳରେ ନିବେଶକ ବହୁଳ ଟ୍ରେଡିଂ କରନ୍ତି, ଏହି ଅବଧିରେ କରାଯାଇଥିବା ଟ୍ରେଡିଂର ନିଜର ଏକ ମହତ୍ତ୍ୱ ରହିଛି। ଚଳିତବର୍ଷ ଦୀପାବଳିରେ ମଧ୍ୟ ମୁହୂର୍ତ୍ତ ଟ୍ରେଡିଂ ହେବ। ଦେଶର ସବୁଠୁ ବଡ଼ ଷ୍ଟକ୍ ଏକ୍ସଚେଞ୍ଜ ଦୀପାବଳିର ଏହି ଶୁଭ ମୁହୂର୍ତ୍ତ ଘୋଷଣା କରିଛନ୍ତି। ଚଳିତବର୍ଷ ଦୀପାବଳି ମୁହୂର୍ତ୍ତ ଟ୍ରେଡିଂ ଅଧିବେଶନ ୧ ନଭେମ୍ବର ଶୁକ୍ରବାର ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ମୁହୂର୍ତ୍ତ ଟ୍ରେଡିଂ ସହିତ ହିନ୍ଦୁ କ୍ୟାଲେଣ୍ଡରର ନୂଆବର୍ଷ ସମ୍ବତ ୨୦୮୧ର ପ୍ରାରମ୍ଭ ହେବ। ଦୀପାବଳି ଦିନ ନିୟମିତ ଟ୍ରେଡିଂ ବନ୍ଦ ରହିବ। ତେବେ ସନ୍ଧ୍ୟାରେ ଏହି ଘଣ୍ଟିକିଆ ଟ୍ରେଡିଂ ଅଧିବେଶନ ଖୋଲାଯିବ। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ଙ୍କ ଅନୁସାରେ ମୁଖ୍ୟ ଟ୍ରେଡିଂ ୱିଣ୍ଡୋରେ ଠିକ୍ ସନ୍ଧ୍ୟା ୫ଟା ୪୫ ମିନିଟରୁ ୬ଟା ବାଜିବା ପର୍ଯ୍ୟନ୍ତ ପ୍ରି-ଓପନିଂ ସେସନ ଅନୁଷ୍ଠିତ ହେବ। ମୁହୂର୍ତ୍ତ ଟ୍ରେଡିଂ ପରମ୍ପରା ଜ୍ୟୋତିଷୀୟ ଆଧାରରେ କରାଯାଇଛି, ଯେତେବେଳେ ଗ୍ରହଙ୍କ ସ୍ଥିତି ବ୍ୟବସାୟ ଅନୁକୂଳ କରିବା ପାଇଁ ଶୁଭ ଥାଏ ସେତେବେଳେ ଟ୍ରେଡିଂ କରାଯାଏ। ଏହି ଅଧିବେଶନ କାଳରେ ନିବେଶକ ଦୀପର ଆଲୋକ ଓ ରଙ୍ଗୀନ ଝୋଟିରେ ସେମାନଙ୍କ ନିବେଶ ଆରମ୍ଭ କରନ୍ତି। ଏହାକୁ ସମୃଦ୍ଧି ଓ ସଫଳତାର ପ୍ରତୀକ ମନେ କରାଯାଏ। ଇତିହାସ ଦେଖିଲେ ମୁହୂର୍ତ୍ତ ଟ୍ରେଡିଂରେ କରାଯାଇଥିବା ନିବେଶ ପ୍ରାୟତଃ ନିବେଶକଙ୍କୁ ଭଲ ରିଟର୍ଣ୍ଣ ଦେଇଛି। ଗତ ୧୭ଟି ଅଧିବେଶନରୁ ୧୩ଟିରେ ବିଏସଇ ସେନସେକ୍ସ ସକାରାତ୍ମକ ନୋଟ୍ ?ରେ ବନ୍ଦ ହୋଇଛି। ତେବେ ଏହା ଏକ ଘଣ୍ଟିକିଆ ଟ୍ରେଡିଂ ହୋଇଥିବାରୁ ଟ୍ରେଡିଂର ଭଲ୍ୟୁମ କମ ହୋଇଥାଏ, ଏହା ସତ୍ତ୍ୱେ ମଧ୍ୟ ନିବେଶକ ଲାଭ ଅର୍ଜନ କରନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୦୮ ମସିହା ଏକ ଅପବାଦ ଥିଲା, ଯେଉଁଥିରେ ସେନସେକ୍ସ ମୁହୂର୍ତ୍ତ ଟ୍ରେଡିଂର ଘଣ୍ଟାକ ମଧ୍ୟରେ ୫.୮୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ସେଦିନ ସେନସେକ୍ସ ୯୦୦୮ପଏଣ୍ଟରେ ବନ୍ଦ ହୋଇଥିଲା। ତେବେ ବୈଶ୍ୱିକ ଆର୍ଥିକ ସଂକଟ ସାମ୍ନାକୁ ଆସିବା କାରଣରୁ ବଜାର ବର୍ଷତମାମ ସୀମିତ ପରିସରରେ ରହିଥିଲା। ୨୦୧୨ରୁ ଏ ପର୍ଯ୍ୟନ୍ତ ୧୨ ଥରରୁ ୯ ଥର ସେନସେକ୍ସ ମୁହୂର୍ତ୍ତ ଟ୍ରେଡିଂରେ ବୃଦ୍ଧିର ସହ ବନ୍ଦ ହୋଇଛି। ଗତବର୍ଷ ଅର୍ଥାତ ୧୨ ନଭେମ୍ବର ୨୦୨୩ରେ ସେନସେକ୍ସରେ ୩୫୫ ପଏଣ୍ଟ (୦.୫୫ପ୍ରତିଶତ) ବୃଦ୍ଧି ହୋଇଥିଲା। ତେବେ ଗତ ୧୧ ବର୍ଷରେ ୭ ଥର ମୁହୂର୍ତ୍ତ ଟ୍ରେଡିଂ ପରେ ବଜାର ତଳମୁହାଁ ହୋଇଛି ଓ ସେନସେକ୍ସ ତଳକୁ ଖସିଛି। ତେବେ ମୁହୂର୍ତ୍ତ ଟ୍ରେଡିଂ ଭାରତରେ ଷ୍ଟକ୍ ବ୍ରୋକରଙ୍କ ଲାଗି ନୂଆ ଆର୍ଥିକ ବର୍ଷର ପ୍ରାରମ୍ଭର ପ୍ରତୀକ। କୁହାଯାଏ ଏହି ଅବଧିରେ କରାଯାଇଥିବା ନିବେଶ ପୁରା ବର୍ଷ ପାଇଁ ସମୃଦ୍ଧି ଓ ଭଲ ରିଟର୍ଣ୍ଣ ଦେଇଥାଏ। ଏହା ଛଡା ଏହା ଟ୍ରେଡରଙ୍କୁ ସେମାନଙ୍କ ପୋର୍ଟଫୋଲିଓରେ ବିବିଧତା ଆଣିବା ଓ ନୂଆ ସେଟେଲମେଣ୍ଟ ଆକାଉଣ୍ଟ ଖୋଲିବାକୁ ମଧ୍ୟ ଅବସର ଦେଇଥାଏ।



# ମଇଁଷିକୁ ଝାମ୍ପିନେଲା ୧୫ ଫୁଟିଆ କୁମ୍ଭୀର

**ଚାନ୍ଦବାଲି, ନ୍ୟୁଜ ବ୍ୟୁରୋ**

ମଇଁଷିକୁ ଝାମ୍ପିନେଲା ୧୫ ଫୁଟିଆ କୁମ୍ଭୀର। ଆରଡ଼ି ସାଳନ୍ଦୀ ନଦୀପଠାରୁ ଏକ ମଇଁଷିକୁ କୁମ୍ଭୀର ଟାଣି ନେଇଛି। ମଇଁଷିଟି ପାଣି ପିଉଥିବା ବେଳେ କୁମ୍ଭୀର ଝାମ୍ପି ନେଇଥିବା ସୂଚନା ମିଳିଛି। କୁମ୍ଭୀରଟି ପାଖାପାଖି ୧୫ ଫୁଟ ଲମ୍ବର ହୋଇଥିବା ଅନୁମାନ କରାଯାଉଛି। ନଦୀକୂଳ ଦେଇ ଘୁରି ବୁଲୁଥିବାରୁ ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏପରିକି କିଛି ଗ୍ରାମବାସୀ ନଦୀ କୂଳରେ କୁମ୍ଭୀରକୁ ଜଗି ବସିଛନ୍ତି। ପ୍ରତିଦିନ ନଦୀବନ୍ଧ ଦେଇ ଛୋଟ ପିଲାମାନେ ସ୍କୁଲକୁ ଯାଉଥିବାରୁ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।



# ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଆରମ୍ଭ: ୩୦୦ରୁ ଉର୍ଦ୍ଧ୍ୱ କାରିଗର ଅଂଶଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁନିଟ୍-୩ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଶନିବାରଠୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୪' ଆରମ୍ଭ ହୋଇଛି । ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆୟୋଜିତ ଏହି ପ୍ରଦର୍ଶନୀ ୨୬ରୁ ୩୦ ଅକ୍ଟୋବର ଯାଏ ଚାଲିବ । ପ୍ରତିଦିନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଷ୍ଟଲ୍‌ଗୁଡ଼ିକ ଖୋଲା ରହିବ, ଲୋକମାନେ ଏହାର ସୁଯୋଗ ନେଇପାରିବେ । ଚଳିତ ବର୍ଷ ୨୭ଟି ଜିଲ୍ଲାର ୩୦୦ରୁ ଉର୍ଦ୍ଧ୍ୱ କାରିଗର ଅଂଶଗ୍ରହଣ କରିଛନ୍ତି । ପ୍ରାୟ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର ହେବ ବୋଲି ଆକଳନ କରାଯାଇଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହେବ। ଗୋଟିଏ ସ୍ଥାନରେ ଟେରାକୋଟା ହସ୍ତଶିଳ୍ପ ପ୍ରଦର୍ଶିତ କରିବା ଏବଂ କାରିଗରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି 'ମୃତ୍ତିକା'ର ମୂଳ ଲକ୍ଷ୍ୟ । ସନ୍ଧ୍ୟାରେ ଏହାକୁ ମୁଖ୍ୟ ଅତିଥି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ ।



ସୂଚନାଯୋଗ୍ୟ,'ଟେରାକୋଟା' ହସ୍ତଶିଳ୍ପ ଓଡ଼ିଶା ସରକାରଙ୍କ ଅନୁମୋଦିତ ୫୧ଟି ହସ୍ତଶିଳ୍ପ ମଧ୍ୟରୁ ପ୍ରମୁଖ ହସ୍ତଶିଳ୍ପ । ରାଜ୍ୟରେ ୩୬,୦୦୦ କାରିଗର ଏହି ବୃତ୍ତିରେ ନିୟୋଜିତ ଅଛନ୍ତି । ୪୦ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି । ସେହି କଳା ଓ କାରିଗରିକୁ ପ୍ରୋତ୍ସାହନ ସ୍ୱରୂପ ୨୦୦୬ ମସିହାରୁ ପ୍ରତିବର୍ଷ ଦୀପାବଳି ପୂର୍ବରୁ 'ମୃତ୍ତିକା' ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଏହା ୨୨ରୁ ୨୯ ଅକ୍ଟୋବର ପର୍ଯ୍ୟନ୍ତ ହେବାର ଥିଲା । କିନ୍ତୁ ବାତ୍ୟା 'ଦାନା' ପାଇଁ ସ୍ଥଗିତ ରହିଥିଲା, ଯାହା ଏବେ ଆରମ୍ଭ ହୋଇଛି ।

# ଫୁଲବାଣୀ ଡାକ୍ତରଖାନାରେ ଶିଶୁ ଅଦଳବଦଳ: ପୁଅ ପରିବର୍ତ୍ତେ ଝିଅ ଦେଇଥିଲେ

**ଫୁଲବାଣୀ, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଶିଶୁ ଅଦଳବଦଳ ହୋଇଛି । ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ତ୍ରୁଟିରୁ ଏଭଳି ଅଭାବନୀୟ ଘଟଣା ଘଟିଛି । ତଦନ୍ତରୁ ତ୍ରୁଟି ଧରାପଡ଼ିବା ପରେ ମା'କୋଳକୁ ଫେରିଛି ପୁଅ । ଅଭିଯୋଗ ଅନୁଯାୟୀ, ଫୁଲବାଣୀ କାଚରା ସାହିର ଦୀପକ ଖଟୁଆଲଙ୍କ ସ୍ତ୍ରୀ ଲିଜା ଏକ ସନ୍ତାନ ଜନ୍ମ ଦେଇଥିଲେ । ତାଙ୍କର ପୁଅ ହୋଇଥିବା ମେଡିକାଲ କର୍ତ୍ତୃପକ୍ଷ କହିଥିଲେ । ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା । ରବିବାର ସକାଳେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କହି ବ୍ରହ୍ମପୁର ନେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହାପରେ ଦୀପକ ଏବଂ ଲିଜା ଶିଶୁକୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଯାଇଥିଲେ । ସେଠାରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ବେଳେ ଶିଶୁଟି ଝିଅ ବୋଲି ଜଣାପଡ଼ିଥିଲା । ଏହା ଜାଣିବା ପରେ ପରିବାର ଲୋକଙ୍କ ଅକଲଗୁଡ଼ମ ହୋଇଯାଇଥିଲା । ପୁଅ କେମିତି ଝିଅ ହେଲା ବୋଲି ଭାବି ସେମାନେ ଚିନ୍ତାରେ ପଡ଼ିଯାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସମ୍ପର୍କୀୟମାନେ ଫୁଲବାଣୀ ଡାକ୍ତରଖାନାରେ ପହଞ୍ଚି ତନାଘନା କରିଥିଲେ । ଏହାକୁ ନେଇ ଡାକ୍ତରଖାନାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଟାଉନ୍ ପୁଲିସ ପହଞ୍ଚି ସ୍ଥିତି ସମ୍ଭାଳି ଥିଲା । ରେଜିଷ୍ଟାର ଯାଞ୍ଚ ବେଳେ ଶିଶୁକନ୍ୟା ରାଇକିଆ ବାଲିଗାଡା ଅଞ୍ଚଳର କିରଣ ପ୍ରଧାନ ଓ ଶାମୁକା ପ୍ରଧାନଙ୍କର ବୋଲି ଜଣାପଡ଼ିଥିଲା । ଶାମୁକା ଶୁକ୍ରବାର କ. ନୂଆଗାଁ ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାକୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଶିଶୁ ଅଦଳବଦଳ ହୋଇଥିବା ସ୍ପଷ୍ଟ ହେବା ପରେ ତ୍ରୁଟି ସୁଧାରିବାକୁ ପ୍ରୟାସ କରିଛନ୍ତି ଡାକ୍ତରଖାନା କର୍ତ୍ତୃପକ୍ଷ । କିରଣ ଓ ଶାମୁକାଙ୍କୁ ଝିଅକୁ ଆଣିବା ପାଇଁ ବ୍ରହ୍ମପୁର ପଠାଯାଇଛି । ସେହିପରି ଦୀପକ ଏବଂ ଲିଜା ସନ୍ଧ୍ୟାରେ ଫୁଲବାଣୀ ଫେରି ପୁଅକୁ ପାଇଛନ୍ତି । ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁ ନ ଥିବାରୁ ତାକୁ ବ୍ରହ୍ମପୁର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।

# ପରିଚୟ ପାଇଁ ଅଟୋରେ ୩ ଜିଲ୍ଲା ବୁଲିଲା ଖଣ୍ଡିଆ ଶବ




**ବୁର୍ଲା, ନ୍ୟୁଜ ବ୍ୟୁରୋ**

ଅଟୋରେ ବୁଲୁଛି ହାତଗୋଡ଼ ନ ଥିବା ଖଣ୍ଡିଆ ଶବ । ଦୁଇଦିନ ମଧ୍ୟରେ ଅନୁଗୋଳରୁ ଆରମ୍ଭ କରି ବୌଦ୍ଧ ଏବଂ ସମ୍ବଲପୁର ଜିଲ୍ଲାରେ ଘୁରି ବୁଲିଲାଣି । ହେଲେ ଏଯାଏ ଚିହ୍ନଟ ତ ଦୂରର କଥା, ବ୍ୟବଚ୍ଛେଦ ବି ହୋଇପାରି ନାହିଁ । ଡାକ୍ତରୀ କାଗଜପତ୍ରରେ ତ୍ରୁଟି ଯୋଗୁଁ ଅନୁଗୋଳ ଜିଲ୍ଲା କିଆକଟା ଥାନା ପୁଲିସ୍ ମୃତଦେହକୁ ଅଟୋରେ ଧରି ଘୁରି ବୁଲିବା ଘଟଣା ବୁର୍ଲା ଅଞ୍ଚଳରେ ଚର୍ଚ୍ଚାର ବିଷୟ ସାଜିଛି । ଶବ ବୁର୍ଲା ଭିମ୍‌ସାର ମର୍ଗହାଉସ୍ ସମ୍ମୁଖରେ ଥିବାବେଳେ ମୃତଦେହକୁ ଏ କି ସମ୍ମାନ ବୋଲି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଅନୁଗୋଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଜଙ୍ଗଲରେ ଏକ ଗଳିତ ମୃତଦେହ ପଡ଼ିଥିବା ପୁଲିସ୍ ଖବର ପାଇଥିଲା । ମୃତଦେହର ଗୋଡ଼ ହାତ ନ ଥିଲା। ଶବ ପଚିଯାଇଥିବାରୁ ମୃତକ ପୁରୁଷ ନାଁ ମହିଳା ତାହା ମଧ୍ୟ ଜଣାପଡୁ ନ ଥିଲା । ଛାନ୍‌ଭିନ୍ ପରେ ପୁଲିସ୍ ମୃତଦେହକୁ ଗତ ୨୫ ତାରିଖରେ ଜବତ କରିଥିଲା। ଏହାକୁ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନ ନେଇ ନିକଟବର୍ତ୍ତୀ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା । ହେଲେ ସେଠାରେ ସୃଷ୍ଟି ହୋଇଥିଲା ଅଡୁଆ ସ୍ଥିତି । ସେଠାକାର ଡାକ୍ତର ବ୍ୟବଚ୍ଛେଦ ହୋଇପାରିବ ନାହିଁ କହିବା ସହ ବୁର୍ଲା ନେବାକୁ ପରାମର୍ଶ ଦେଇଥିଲେ । ଏହାପରେ ପୁଲିସ୍ ବାଧ୍ୟ ହୋଇ ମୃତଦେହକୁ ଏକ ଅଟୋ ରିକ୍ସାରେ ଧରି ବୁର୍ଲା ଭିମ୍‌ସାର ଶବ ବ୍ୟବଚ୍ଛେଦ ଗୃହ ନିକଟରେ ପହଞ୍ଚିଥିଲା । ତେବେ ବୌଦ୍ଧରୁ ବୁର୍ଲା ସ୍ଥାନାନ୍ତର କରିଥିବା ଡାକ୍ତର ରେଫରାଲ ପେପରରେ କୌଣସି ମେମୋ ନମ୍ବର କିମ୍ବା ସିଲ୍ ପକାଇ ନ ଥିଲେ । ନିୟମ ଅନୁଯାୟୀ ରେଫେରାଲ୍ ହୋଇଥିବା ଡାକ୍ତରଖାନା ଅର୍ଥାତ୍ ବୌଦ୍ଧରୁ ଡାକ୍ତରୀ ଟିମ୍ ଭିମ୍‌ସାର ଆସିବା କଥା। ହେଲେ କୌଣସି ଡାକ୍ତରୀ ଟିମ୍ ଆସି ନ ଥିବାରୁ ନିୟମ ଉଲ୍ଲଂଘନ କରି ଶବ ଗ୍ରହଣ କରିବାକୁ ବୁର୍ଲା ଭିମ୍‌ସାର ଡାକ୍ତର ରାଜି ହୋଇ ନ ଥିଲେ । ଫଳରେ ଅଡୁଆରେ ପଡ଼ିଯାଇଥିଲା କିଆକଟା ପୁଲିସ୍। କିଆକଟା ଥାନାଧିକାରୀ ଓ ଅନ୍ୟ ପୁଲିସ୍ କର୍ମଚାରୀମାନେ ଶନିବାରଠାରୁ ଭିମ୍‌ସାର ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଜଗି ରହିଛନ୍ତି । ହେଲେ କାଗଜପତ୍ରରେ ତ୍ରୁଟି ଯୋଗୁଁ ଶବ ବ୍ୟବଚ୍ଛେଦ ହୋଇପାରୁ ନ ଥିବା ଜଣାପଡ଼ିଛି । ଏକ ଅଟୋ ରିକ୍ସାରେ ଗଳିତ ମୃତଦେହ ଧରି ପୁଲିସ୍ ୩ ଜିଲ୍ଲା ଚକ୍କର କାଟିବା ଚର୍ଚ୍ଚାର ବିଷୟ ପାଲଟିଛି । କାର୍ଯ୍ୟରେ ଅବହେଳା କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ଆଉ ୩ କୁଳପତିଙ୍କ ଅବସର : ବିନା କୁଳପତିରେ ଚାଲିଛି ୫ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଉ ମାସେ ରହିଲା ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ । ଏହି ୩ ବିଶ୍ୱବିଦ୍ୟାଳୟ ନୂଆ କୁଳପତି ଦେଖିବ ନା ସେହି ପୁରୁଣା କୁଳପତିଙ୍କୁ ପୁଣି ଦାୟିତ୍ୱ ମିଳିବ ତାହା ଏବେ ଆଲୋଚନାର ବିଷୟ। ଏବେବି ୫ ବିଶ୍ୱବିଦ୍ୟାଳୟ ବିନା କୁଳପତିରେ ଚାଲିଛି । ଯଦି ଆସନ୍ତା ମାସ ମଧ୍ୟରେ ଏହି ୩ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତି ନହୁଏ ତେବେ ମୁଖିଆ ବିହୀନ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮ରେ ପହଞ୍ଚିବ । ଅନ୍ୟପଟେ ଉଚ୍ଚଶିକ୍ଷା ବିଭାଗରୁ ମିଳିଥିବା ବିଶେଷ ସୂତ୍ର ଅନୁଯାୟୀ, କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ୩ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ ହୋଇପାରନ୍ତି । ଆସନ୍ତା ନଭେମ୍ବର ୨୩ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ । ସେହି ମାସ ୨୬ ତାରିଖରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ୨୭ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଏନ୍ ନାଗାରାଜୁଙ୍କର କାର୍ଯ୍ୟକାଳ ଶେଷ ହେବ । ଅର୍ଥାତ୍ ମାସେ ମଧ୍ୟରେ ଏହି ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ସରିବ । ଅନ୍ୟପଟେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦କୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ଚାଲିଛି । ସାଢ଼େ ୩ ବର୍ଷ ହେଲା କଟକଣା ଥିବାରୁ ଅଧ୍ୟାପକ ଓ ଅଣଅଧ୍ୟାପକ ନିଯୁକ୍ତି ହୋଇପାରୁନାହିଁ । ଏହା ଭିତରେ ଏହି ୩ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି କଣ୍ଟା ସାଜିବ ବୋଲି ଆଶଙ୍କା ହେଉଛି । କିନ୍ତୁ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଖୁବ୍ ଶୀଘ୍ର ଏନେଇ ସ୍ପଷ୍ଟ ବିଜ୍ଞପ୍ତି ପ୍ରକାଶ ପାଇବ । ସୂଚନାଯୋଗ୍ୟ, ନିକଟରେ ଉଚ୍ଚଶିକ୍ଷା ବିଭାଗ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା । ହେଲେ ନିଯୁକ୍ତି ଦିଆଯାଇନାହିଁ । କିନ୍ତୁ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ପଦ ଖାଲି ଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ । କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ଜୟପୁରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ଏପର୍ଯ୍ୟନ୍ତ କୁଳପତି ନିଯୁକ୍ତ କରାଯାଇନାହିଁ । ଏଠାରେ ସ୍ୱତନ୍ତ୍ରକର୍ତ୍ତବ୍ୟରତ ଅଧିକାରୀ (ଓଏସ୍‌ଡି) ନିଯୁକ୍ତ କରାଯାଇଛି । ଏମାନଙ୍କର କାର୍ଯ୍ୟକାଳ ଆସନ୍ତା ବର୍ଷ ଅଗଷ୍ଟ ମାସରେ ଶେଷ ହେବାକୁ ଯାଉଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅସ୍ଥାୟୀ ଭାବେ ୨୦୨୫ ଜାନୁଆରୀ ୩୧ ଯାଏ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତି ପ୍ରଫେସର କିଶୋର କୁମାର ବାସା ୨୦୨୨ ନଭେମ୍ବର ମାସରେ ଇସ୍ତଫା ଦେଇ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ହୋଇଥିଲେ । ସେ ସମୟରୁ ନିକଟସ୍ଥ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରବୀନ୍ଦ୍ର ପଣ୍ଡା ଇସ୍ତଫା ଦେବା ପରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । ସେହିପରି ୨୦୨୫ ମାର୍ଚ୍ଚରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏପ୍ରିଲ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଅଗଷ୍ଟରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ୨୦୨୬ ମେ ମାସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ୨୦୨୭ ଜାନୁଆରୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ଉତ୍କଳ, ରମାଦେବୀ, ଜିଏମ୍ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ଚୟନ କରାଯିବ । ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ତେଣୁ ଏହି ତିନି କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି ।

# ବିଗିଡିବାରେ ଲାଗିଛି ଯମୁନା ଅବସ୍ଥା : ଭୟଙ୍କର ପ୍ରଦୂଷଣ ସ୍ତରରେ ବିଷାକ୍ତ ଫେଣ ଉତ୍ପନ୍ନ

**ନୂଆଦିଲ୍ଲୀ,**

ଯମୁନା ନଦୀରେ ପ୍ରତି ବର୍ଷ ଧଳା ଫେଣର ଦୃଶ୍ୟ ଦେଖିବାକୁ ମିଳେ । ଭାରତରେ ଅନ୍ୟ କୌଣସି ନଦୀରେ ବୋଧହୁଏ ଏହି ଦୃଶ୍ୟ ଦେଖାଯାଏ ନାହିଁ । ଦେଶରେ ୮ ପ୍ରମୁଖ ଓ ୪୦୦ରୁ ଅଧିକ ନଦୀ ପ୍ରବାହିତ ହେଉଛି । କିଛି ଆରବ ସାଗର, ଆଉ କିଛି ବଙ୍ଗୋପସାଗରରେ ମିଶିଛି । ଯମୁନାର ଅସ୍ତିତ୍ୱ ଉତ୍ତରାଖଣ୍ଡର ଯମୁନୋତ୍ରୀଠୁ ପ୍ରୟାଗର ସଙ୍ଗମ ପର୍ଯ୍ୟନ୍ତ ଦେଖିବାକୁ ମିଳେ । କିନ୍ତୁ ଦିଲ୍ଲୀରେ ପ୍ରବେଶ ପରେ ଏହାର ଦୃଶ୍ୟ ବଦଳିଯାଏ। ଦିଲ୍ଲୀରେ ପ୍ରବେଶ ମାତ୍ରେ ଯମୁନା ନଦୀ ନୁହେଁ, ବରଂ ନାଳରେ ରୂପାନ୍ତର ହୋଇଯାଏ । ନଦୀକୁ ଦେଖି ଯେଉଁ ଖୁସି ଓ ଶାନ୍ତି ମିଳିବା ଉଚିତ୍, ତାହା ସମ୍ପୂର୍ଣ୍ଣ ଉଭାନ୍ ହୋଇଯାଏ । ଫେଣ, ଦୁର୍ଗନ୍ଧ, ଶୁଷ୍କ କ୍ଷେତ୍ର ଓ ଶୈବାଳ ଆମ ନାକ, ଆଖି ଓ ମସ୍ତିଷ୍କକୁ ଭୟଭୀତ କରେ । ଦିଲ୍ଲୀରେ ଯମୁନା କାହିଁକି ନିଜର ଅସ୍ତିତ୍ୱ ହରାଇଦିଏ ଏଥିପାଇଁ କିଏ ଦାୟୀ ? ୧୩୭୬ କିମି ଲମ୍ବା ଯମୁନା ନଦୀ ୫ ପ୍ରମୁଖ ଭାଗରେ ବିଭକ୍ତ । ଏହା ଯମୁନୋତ୍ରୀରୁ ହଥିନୀକୁଣ୍ଡ ବ୍ୟାରେଜ୍ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ହିମାଚଳପ୍ରଦେଶର ଅଂଶ,ଯାହାର ଲମ୍ବ ପ୍ରାୟ ୧୭୨ କିମି । ଏଠାରେ ଯମୁନାର କମାଲ, ଗିରି, ଟୋନ୍ସ ଓ ଅସନ ନାମରେ ଶାଖା ରହିଛି । ଏଥିରେ ଦୁଇଟି ବ୍ୟାରେଜ୍ ପଡ଼େ- ଡାକ ପଥର ବ୍ୟାରେଜ୍ ଓ ଅସନ ବ୍ୟାରେଜ୍ । ଏହି ନାଁରେ ଦୁଇଟି କେନାଲ ବି ରହିଛି । ହଥିନୀକୁଣ୍ଡ ବ୍ୟାରେଜ୍‌ରୁ ୱଜୀରାବାଦ ବ୍ୟାରେଜ୍ ପର୍ଯ୍ୟନ୍ତ ହରିଆଣା ଓ ଉତ୍ତରପ୍ରଦେଶର ଅଂଶ । ଲମ୍ବା ୨୨୪ କିମି । ଏଠାରେ ସୋମ, ଛୋଟ ଓ ଯମୁନା ଡ୍ରେନ୍ ନମ୍ବର-୨ ଓ ୮ ନଦୀର ପ୍ରମୁଖ ଶାଖା । ଏଥିରେ ହଥିନୀକୁଣ୍ଡ ବ୍ୟାରେଜ୍ ପଡ଼େ, ଯେଉଁଥିରେ ପଶ୍ଚିମ ଓ ପୂର୍ବ ଯମୁନା କେନାଲ ଯୋଡ଼ି ହୋଇଛି । ୱଜୀରାବାଦ ବ୍ୟାରେଜ୍‌ରୁ ଯମୁନା ବ୍ୟାରେଜ୍ ଓଖଲା ପର୍ଯ୍ୟନ୍ତ ୨୨ କିମି ଲମ୍ବା କ୍ଷେତ୍ର ୨୨ ଡ୍ରେନ୍ ଓ ହିଣ୍ଡନ୍ କଟ୍‌କୁ ଯୋଡୁଛି । ଏଥିରେ ଦୁଇଟି ବ୍ୟାରେଜ୍‌ୱଜୀରାବାଦ ଓ ଯମୁନା ବ୍ୟାରେଜ୍ ରହିଛି । ଏଥିରୁ ଆଗ୍ରା କେନାଲ ଯାଇଛି । ଏହା ନଦୀର ସବୁଠୁ ପ୍ରଦୂଷିତ କ୍ଷେତ୍ର । ଅଖୋଲା ବ୍ୟାରେଜ୍‌ରୁ ଚମ୍ବଲ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଓ ହରିଆଣାର ଅଂଶ । ଲମ୍ବା ୪୯୦ କିମି । ଏଥିରେ ହିଣ୍ଡନ, ଭୁରିୟା ନାଳ, ମଥୁରା ଓ ବୃନ୍ଦାବନର ଡ୍ରେନ୍, ଆଗ୍ରାର ଡ୍ରେନ୍ ମିଶିଛି । ଏଥିରେ ଏକମାତ୍ର ଓଖଲା ବ୍ୟାରେଜ୍ ଏବଂ ଆଗ୍ରା ଓ ଗୁଡ଼ଗାଁଓ କେନାଲ ରହିଛି । ପଞ୍ଚମ ଅଂଶ ଉତ୍ତରପ୍ରଦେଶରେ ୪୬୮ କିମି ଲମ୍ବା ଭୌଗୋଳିକ କ୍ଷେତ୍ର ଏଥିରେ ଚମ୍ବଲ, କେନ୍, ସିନ୍ଧ ଓ ବେତବା ନଦୀ ମିଶିଛି । ପିଲାଦିନୁ ଆମେ ଏକ କାହାଣୀ ଶୁଣିଆସିଛୁ । ପ୍ରାଚୀନ ସମୟରେ ଯମୁନାରେ କାଳିଆ ନାଗ ରହୁଥିଲା । ତା'ର ବିଷରୁ ଯମୁନା ନଦୀ ଫୁଟୁଥିଲା । ଫଳରେ ନଦୀର ଜଳ ବିଷାକ୍ତ ହେଉଥିଲା । ଏହି ବିପଦରୁ ଶ୍ରୀକୃଷ୍ଣ ଯମୁନାକୁ ରକ୍ଷା କରିଥିଲେ । ସର୍ପ ଦଂଶନରେ ଯେମିତି ମଣିଷ ପାଟିରୁ ଫେଣ ବାହାରେ, ଠିକ୍ ସେମିତି ଯମୁନା ମଧ୍ୟ ପ୍ରତିବର୍ଷ ପ୍ରଦୂଷଣ ରୂପକ ନାଗ ଯୋଗୁ ଫେଣ ଉଦ୍‌ଗାରିଥାଏ । ୱଜୀରାବାଗରୁ ଯମୁନା ବ୍ୟାରେଜ୍ ଓଖଲା ମଧ୍ୟରେ ପ୍ରଦୂଷଣରୂପୀ ଏହି ନାଗ ଯମୁନାକୁ ଦଂଶେ । ଉତ୍ତରାଖଣ୍ଡରେ ଯମୁନା ନଦୀ ପରିଷ୍କାର । ପଞ୍ଚମ ଅଂଶରେ ମଧ୍ୟ ଏହା ପରିଷ୍କାର । ତେବେ, ଦିଲ୍ଲୀ କ୍ଷେତ୍ରରେ ଏତେ ଦୂଷିତ କାହିଁକି ? ଯମୁନା ଦେଶର ଅନ୍ୟତମ ସବୁଠୁ ପ୍ରଦୂଷିତ ନଦୀ । ଅପରିଷ୍କୃତ ଓ ଆଂଶିକ ପରିଷ୍କୃତ ସ୍ୱେରେଜ, ଔଦ୍ୟୋଗିକ ଆବର୍ଜନା, କୃଷି ସମ୍ବନ୍ଧୀୟ ବର୍ଜ୍ୟ ଏହାକୁ ପ୍ରଦୂଷିତ କରୁଛନ୍ତି । ଅନ୍ୟ କାରଣ ପ୍ରାକୃତିକ । ଗ୍ରୀଷ୍ମଦିନେ ଯମୁନା ନଦୀରେ ପାଣି ହାରାହାରି ଶୁଖିଯାଏ। ନଦୀରେ ଓ ନଦୀ ପାର୍ଶ୍ୱରେ ଅସଂଖ୍ୟ ବୃକ୍ଷଲତା, ଆବର୍ଜନା ଓ ଜୀବଜନ୍ତୁଙ୍କ ଶବ ପଡ଼ିରହେ । ବର୍ଷା ପରେ ଯେତେବେଳେ ଏଗୁଡ଼ିକ ପ୍ରବାହିତ ହୁଅନ୍ତି, ପ୍ରଦୂଷଣ ଯୋଗୁ ଭୟଙ୍କର ସ୍ତରରେ ବିଷାକ୍ତ ଫେଣ ଉତ୍ପନ୍ନ ହୁଏ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୬ ବର୍ଷରେ ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି । ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି । ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି । ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହଁନ୍ତି, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି । ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି । ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି । ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି । ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି । ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି । ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖୁଛି । ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା । ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି । କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ । ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି । ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା । ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି । ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି । କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି ।

# ସାଂସ୍କୃତିକ ପ୍ରଦୂଷଣର ପର୍ବ ଦୀପାବଳି



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଭାରତ ବର୍ଷ ତଥା ଆମ ରାଜ୍ୟ ଓଡିଶାରେ ଯେତେ ପର୍ବପର୍ବାଣୀ ଅଛି ତା ମଧ୍ୟରେ ଦୀପାବଳୀର ଏକ ମହନୀୟ ବିଶେଷତ୍ୱ ଅଛି । ଏହି ଦିନରେ ଚଉଦ ବର୍ଷର ବନବାସ ପରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଅଯୋଧ୍ୟା ଆଗମନର ଖୁସୀରେ ଅଯୋଧ୍ୟାବାସୀ ଅତି ଆନନ୍ଦରେ ଦୀପଜାଳି ଅନ୍ଧକାର ରାତ୍ରିକୁ ଆଲୋକିତ କରି ତାଙ୍କର ଅତି ପ୍ରିୟ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ । ସମଗ୍ର ଅବଧ ଆଲୋକମାଳାରେ ସଜ୍ଜିତ ହେବାସହ ଲକ୍ଷ୍ମୀ ସ୍ୱରୁପା ସୀତାଙ୍କ ଆଗମନରେ ଅଯୋଧ୍ୟା ହସି ଉଠିଥିଲା । କିନ୍ତୁ ଆଜି ଏ ସାଂସ୍କୃତିକ ପର୍ବ ଦୀପାବଳୀ ପ୍ରଦୂଷଣ ପର୍ବରେ ପରିଣତ ହୋଇଛି । ପ୍ରାଚୀନ ସଂସ୍କୃତି ତାର ଗରିମାମୟ ଐତିହ୍ୟକୁ ଧାରଣ କରି ବିଶ୍ୱସନୀୟତା ପ୍ରକଟ କରୁଥିବା ବେଳେ ନୂତନ ସଂସ୍କୃତି ନିଜସ୍ୱ ରୂପାନ୍ତରିତ ମହିମାରେ ଭାସ୍ୱର ହୋଇ ଉଠୁଛି । ଏ ଅବସ୍ଥାରେ ମଣିଷ ଦିନକୁ ଦିନ ଅସଭ୍ୟ ହେବା ସହ ଅଖାଦ୍ୟ ଖାଇ, ଅଶ୍ରାବ୍ୟ ଶବ୍ଦ ଶୁଣି, ଦୃଷ୍ଟିକଟୁ ଜିନିଷ ଦେଖି ଦୂଷିତ ବାୟୁ, ଜଳ ଓ ମୃତ୍ତିକା ସହ ମିଶି ଏବଂ ବ୍ୟବହାର କରି ମଣିଷ ପଣିଆ ହରାଇ ବସିଛି । ମଣିଷ ଆଜି ଭୁଲି ଯାଇଛି ଯେ ସଭ୍ୟତା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଗୁଡିକ ପରସ୍ପର ପରିପୂରକ । ଆମ ସଭ୍ୟତା ଏକ ଶକ୍ତ ବୃକ୍ଷ ହେଲେ ସଂସ୍କୃତି ଏହାର ମୂଳ ଓ ପରମ୍ପରା ହେଉଛି ଡାଳ । ଭାରତର ବୈଦିକ ସଂସ୍କୃତି ହଜାର ହଜାର ବର୍ଷ ତଳର ଯାହାର ନାଭି ହେଉଛି ଆଧ୍ୟାତ୍ମିକତା । ଆଜି ସେ ସଂସ୍କୃତି ନଷ୍ଟ ଭ୍ରଷ୍ଟ । ତେଣୁ ମଣିଷ ଛନ୍ଦି ହୋଇ ଯାଇଛି ଏକ ବିରାଟ ବିପଦର ବୁଡ଼ିଆଣୀ ଜାଲ ଭିତରକୁ ।

ସାଂସ୍କୃତିକ ପରମ୍ପରାନୁଯାୟୀ ଦୀପାବଳି ଉତ୍ସବରେ ଦୀପଜାଳି ମନ ଖୁସି କରିବା ଏହି ପର୍ବର ମୁଖ୍ୟ ଆକର୍ଷଣ । ଆଜି କିନ୍ତୁ ଦୀପ ସ୍ଥାନରେ ବିଭିନ୍ନ ପ୍ରକାରର ଆଧୁନିକ ଲାଇଟ, ମହମବତୀ ତା ସହିତ ବିଭିନ୍ନ ପ୍ରକାରର ବାଣ ବା ଆତସବାଜୀର ବହୁଳ ବ୍ୟବହାର ହେଉଛି । ଆଖି ଜଳକା ବାଣର ଆଲୁଅ ସାଙ୍ଗକୁ ବିଭିନ୍ନ ଶବ୍ଦ କାନ ଓ ମନକୁ ଖରାପ କରିଥାଏ । ଦୀପାବଳୀ ପର ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥାଏ ବିଭିନ୍ନଲୋକ ତଥା ଯୁବକ ମାନଙ୍କ ଆଘାତର କରୁଣ କଥା । ଏ ଯନ୍ତ୍ରଣାର ସମାଧାନ କିଏ କରିବ? ମୋଟା ମୋଟି ଭାବେ ଦେଖିବାକୁ ଗଲେ 'ଦୀପାବଳୀ' ର ଆଖି ଝଲସା ଆଲୋକ ମାଳା ସହ ଆତସବାଜିର ଶବ୍ଦ ଉଭୟେ ଆମ ପରିବେଶ ପାଇଁ କ୍ଷତିକାରକ । ସୂକ୍ଷ୍ମ ଭାବରେ କହିଲେ ଗୋଟିଏ ହେଲା 'ବାୟୁ ପ୍ରଦୂଷଣ' ଓ ଅନ୍ୟଟି ହେଲା 'ଶବ୍ଦ ପ୍ରଦୂଷଣ' । ଆଜି ଏ ରସାୟନିକ ଦ୍ରବ୍ୟରେ ପ୍ରସ୍ତୁତ ବାଣ ଗୁଡିକ ଫୁଟିବା ପରେ ତାର ରସାୟନିକ ଦ୍ରବ୍ୟଗୁଡିକ ବାୟୁମଣ୍ଡଳରେ ମିଶିଯାଏ । ଆମେ ତାକୁ ପ୍ରଶ୍ୱାସରେ ଗ୍ରହଣ କରିବାକୁ ବାଧ୍ୟହେଉ, ଯାହା ଶରୀର ପାଇଁ କ୍ଷତିକାରକ । ଯଦି ଆମର ଅନ୍ତରାତ୍ମାକୁ ପଶ୍ନ କରାଯାଏ ତେବେ ନିଶ୍ଚୟ ମନକୁ ଆସିବ ଆମେ ଆମ ବାୟୁ ମଣ୍ଡଳକୁ ଗୋଟିଏ ଦିନରେ କେତେ ଦୂଷିତ କରି ଦେଉଛେ ? ଆଜିର ଦିପାବଳୀ ଏପରି ଏକ ଉତ୍ସବରେ ପରିଣତ ହୋଇଛି ଯେ ଏହି ଦିନ ବାୟୁ ପ୍ରଦୂଷଣ ସହ ଶବ୍ଦ ପ୍ରଦୂଷଣ ଏକାଠି ସୃଷ୍ଟି କରନ୍ତି ଏକ 'ଧୂମ-କୋଳାହଳମୟ ବାତାବରଣ' । ଏ ଆନନ୍ଦର ପର୍ବକୁ ଆମେ କିପରି ନିରାନନ୍ଦରେ ପରିଣତ କରୁଛେ ତାହା ବିଚାର ଯୋଗ୍ୟ । ଆମର ବିଜ୍ଞାନ କହେ ଶବ୍ଦର ମାତ୍ରା ୮୦ ଡେସିବିଲ୍‌ରୁ ଅଧିକ ହେଲେ ତାହା ମଣିଷ ପାଇଁ ହାନିକାରକ ।

ଆମେ ସମସ୍ତେ ଭଲଭାବେ ଜାଣିଛୁ ଯେ ଯଦିଓ ବାଣଗୁଡିକ ଆମ ଶରୀର ଓ ମନ ପାଇଁ ଖରାପ, ତଥାପି ସେଗୁଡିକ ବ୍ୟବହାର କରିବା ପାଇଁ ଆମେ ତିଳେ ହେଲେ ପଶ୍ଚାଦ୍‌ପଦ ହେଉନାହୁଁ । ଆମ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯେତେ ସତର୍କତା ପଦକ୍ଷେପ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଯେପର୍ଯ୍ୟନ୍ତ ସାଧାରଣ ଜନତା ସଚେତନ ନହେବେ ସେ ପର୍ଯ୍ୟନ୍ତ ଏ ବ୍ୟାଧିର ନିରାକରଣ ନାହିଁ । ସରକାରଙ୍କ ପର୍ଯ୍ୟାବରଣ ମନ୍ତ୍ରଣାଳୟ ବାଣ ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ପ୍ରତ୍ୟେକ ବାଣର ଶବ୍ଦ ଦୃଷ୍ଟିର ମାନ ଲେଖିବା ପାଇଁ ତା ସହିତ ବାଣ ଫୁଟାଇବାର ଏକ ସମୟ ନିର୍ଦ୍ଧାରଣ କରାଯାଇଛି । ଏହି ସମୟ ପରେ ଯିଏ ବାଣ ଫୁଟାଇବ ସେ ଦଣ୍ଡିତ ହେବେ ! କିନ୍ତୁ ଆଶ୍ଚର୍ଯ୍ୟର କଥା ଆମ ଘଣ୍ଟାପିନ୍ଧା ବାବୁ ମାନେ ତାକୁ ବେଖାତିର କରିଛନ୍ତି । ଏହି ଦିନରେ ଆମ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଅନେକ ସମୟରେ ଶିକ୍ଷକ ତଥା ପିଲାମାନଙ୍କୁ ନେଇ ସଚେତନାମୂଳକ ଯାତ୍ରା କରାଯାଉଛି । ସରକାର ଯାହାକଲେ ମଧ୍ୟ ଯଦି ଆମ ଜନସାଧାରଣ ସଚେତନ ହୋଇଯିବେ ଏବଂ ସ୍ୱଇଚ୍ଛାରେ ନିଜର ବିବେକକୁ ପଚାରି କାର୍ଯ୍ୟ କରିବେ ତାହେଲେ ଆମ ସମାଜ ଏକ ସାଂସ୍କୃତିକ ପ୍ରଦୂଷଣ ମୁକ୍ତ ସମାଜ ହେବ ।

# ନାଗା ସାଧୁ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ହିନ୍ଦୁ ସମାଜରେ ନାଗା ସାଧୁମାନଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଇଥାଏ । ଉତ୍ତର ଭାରତରେ ହେଉଥିବା କୁମ୍ଭମେଳାମାନଙ୍କରେ ସାହି ସ୍ନାନ ନିମନ୍ତେ ସେମାନେ ଏକତ୍ରିତ ହୋଇଥାନ୍ତି । କୁମ୍ଭମେଳା ସରିବାର ଶେଷ ଦିନର ସୂର୍ଯ୍ୟୋଦୟ ପୂର୍ବରୁ ସେମାନେ ସେହି ସ୍ଥାନ ଛାଡ଼ି ଚାଲିଯାଆନ୍ତି । ସେହି ମେଳାମାନଙ୍କରେ ସେମାନଙ୍କୁ ଦେଖିବା ପାଇଁ ସାଧାରଣ ଲୋକମାନଙ୍କ ସହିତ ବିଦେଶୀ ପର୍ଯ୍ୟଟକମାନଙ୍କର ବହୁ ଭିଡ଼ ହୋଇଥାଏ । ଏହି ସାଧୁ ସମାଜର ଆବିର୍ଭାବ କେବେଠାରୁ ହୋଇଛି ତାହାର କୌଣସି ସଠିକ୍ ଇତିହାସ ନଥିଲେ ବି ଆଦିଶଙ୍କରାଚାର୍ଯ୍ୟଙ୍କଦ୍ୱାରା ସେମାନେ ପ୍ରତିଷ୍ଠିତ ହୋଇଥିବାର କୁହାଯାଏ । ଅନ୍ୟ ଏକ ମତରେ ଭାରତରେ ହିନ୍ଦୁ ସଂସ୍କୃତି ବିପନ୍ନ ଅବସ୍ଥାରେ ଥିବାବେଳେ ସେ ସବୁର ରକ୍ଷାକବଚ ଭାବରେ ସେମାନଙ୍କର ଆବିର୍ଭାବ ହୋଇଥିଲା । ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ନାଗାସାଧୁମାନେ ଆସିଥାନ୍ତି । ତେବେ ସେମାନଙ୍କ ସଂଖ୍ୟା ବହୁତ କମ୍ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ ତଥା ମନ୍ଦିରର ସୁରକ୍ଷା ନିମନ୍ତେ ପୁରୀରେ ଆଖଡ଼ାଘରମାନଙ୍କର ସୃଷ୍ଟି ହୋଇଥିଲା । ଏହି ଆଖଡ଼ାମାନଙ୍କରେ ମଲ୍ଲଯୁଦ୍ଧ ସହ ଶସ୍ତ୍ର ଚାଳନାର ଶିକ୍ଷା ଦିଆଯାଉଥିଲା । ପୁରୀର ନାଗାନାଚର ଏକ ସ୍ୱତନ୍ତ୍ରତା ରହିଛି । କେତେକ ପଞ୍ଜାବୀ ଦୋହା ମଧ୍ୟ ସେଥିରେ ସାମିଲ ଥାଏ ।

ଓଡ଼ିଶାର ଦୁଇଜଣ ବରପୁତ୍ରଙ୍କୁ ଶିଖମାନେ ଯଥେଷ୍ଟ ସମ୍ମାନ ଦେଇଥାନ୍ତି । ସେମାନେ ହେଲେ ଶ୍ରୀଗୀତଗୋବିନ୍ଦର ସ୍ରଷ୍ଟା ଶ୍ରୀଜୟଦେବ ଯାହାଙ୍କ ରଚନାର କେତୋଟି ପଦ ଗୁରୁଗ୍ରନ୍ଥ ସାହିବରେ ଥିବାର ଦେଖାଯାଏ । ଅନ୍ୟ ଜଣକ ହେଲେ ପଞ୍ଚପ୍ୟାରମାନଙ୍କ ମଧ୍ୟରେ ଥିବା ପୁରୀ ବାସିନ୍ଦା ଦୁର୍ଗା ରାୟ । ଗୁରୁ ଗୋବିନ୍ଦ ସିଂହ ହିଁ ଶିଖ ଧର୍ମରେ ପଞ୍ଚପ୍ୟାରର ସ୍ରଷ୍ଟା ଥିଲେ । ତେବେ ସଦ୍‌ଗୁରୁ ନାନକ ଦେବ ମହାରାଜ ଓ ତାଙ୍କର ପିତା କାଲବେଦ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥିବାର ଇତିହାସ ରହିଛି । ଶିଖ ସାମ୍ରାଜ୍ୟର ମହାରାଜ ରଣଜିତ ସିଂହ ସେତେବେଳେ ତାଙ୍କ ପାଖରେ ଥିବା କୋହିନୁର ହୀରାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାନ କରିବା ନିମନ୍ତେ ସିଦ୍ଧାନ୍ତ ନେଇଥିଲେ ମଧ୍ୟ ମୃତ୍ୟୁ ପରେ ତାଙ୍କ ପୁତ୍ର ମହାରାଜା ଦିଲ୍ଲୀପ ସିଂହଙ୍କଠାରୁ ଇଂରେଜମାନେ ତାହାକୁ ହାତେଇ ବ୍ରିଟିଶ୍ ସାମ୍ରାଜ୍ଞୀଙ୍କୁ ଦେଇଥିଲେ ଯାହାକି ଏବେ ବ୍ରିଟିଶ ରାଣୀଙ୍କ ରାଜ ମୁକୁଟରେ ଶୋଭା ପାଉଛି । ଓଡ଼ିଶା ସହ ଶିଖ ସମ୍ପ୍ରଦାୟଙ୍କ ସମ୍ପର୍କର ଏହା ଥିଲା ସଂକ୍ଷିପ୍ତ ଆଭାସ । କାହାଦ୍ୱାରା ଏପରି ନାଗା ପରମ୍ପରା ଶ୍ରୀଜଗନ୍ନାଥଙ୍କ ପୀଠ ପୁରୀରେ ପ୍ରବେଶ କରି ଆଖଡ଼ା ଘରମାନଙ୍କର ସୃଷ୍ଟି ହୋଇଥିଲା ତାହା ଇତିହାସ ଗବେଷଣା ସାପେକ୍ଷ । ପୁରୀରୁ ଏହି ନାଗାନାଚ କ୍ରମଶଃ ଓଡ଼ିଶାର ଅନ୍ୟ ସ୍ଥାନମାନଙ୍କୁ ଯାଇଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ନାଗାମାନେ ନାଗବଂଶ ସମ୍ଭୂତ ନୁହନ୍ତି । ବିଭିନ୍ନ ଗୋତ୍ର ବା ବଂଶର ବ୍ୟକ୍ତିମାନେ ଏଥିରେ ସାମିଲ ହୋଇ ରହିଥାନ୍ତି । ତେବେ ଆଦିଶଙ୍କରଙ୍କ ସମୟରେ ଏପରି ନାମକରଣକୁ ନେଇ ଗୋଷ୍ଠୀ ଗଢ଼ିବାର ଉଦ୍ଦେଶ୍ୟ କ'ଣ ଥିଲା ସେ ସବୁର ଅଧିକ ଅନୁସନ୍ଧାନ ଆବଶ୍ୟକ ।

ନାଗାସାଧୁମାନେ ଜନବସତିଠାରୁ ବହୁ ଦୂରରେ ରହିବା ସହ କଠୋର ଅନୁଶାସନ ମଧ୍ୟରେ ସେମାନଙ୍କୁ ଚଳିବାକୁ ହୁଏ । ସାଧାରଣତଃ ସେମାନେ କାହାର କିଛି କ୍ଷତି କରନ୍ତି ନାହିଁ । ଯଦି କୌଣସି କାରଣରୁ ତାଙ୍କୁ କେହି ହଇରାଣ ହରକତ କରିଥାନ୍ତି ତେବେ ସେମାନେ ଭୟଙ୍କର ଭାବରେ କ୍ରୋଧିତ ହୋଇଉଠନ୍ତି । ଖାଦ୍ୟ, ପେୟ ଇତ୍ୟାଦିରେ ସେମାନେ ବେଶ୍ ସଂଯମତା ରଖିଥାନ୍ତି । ସୈନ୍ୟବାହିନୀର ରେଜିମେଣ୍ଟ ଭଳି ସେମାନେ ବିଭାଜିତ । ତ୍ରିଶୂଳ, ଖଣ୍ଡା, ଶଙ୍ଖ ଓ ଚିଲମ୍ ସେମାନଙ୍କ ପାଖରେ ସର୍ବଦା ରହିଥାଏ । ଦଳରେ ପ୍ରବେଶବେଳେ କେବଳ କଉପୁନି ଧାରଣ କରନ୍ତି । ନାରୀ ନାଗାମାନେ ନିଜ ଦେହର ଗୋପନୀୟ ସ୍ଥାନକୁ ଲୁଚାଇବା ନିମନ୍ତେ କେବଳ ଆବରଣ ରଖିଥାନ୍ତି । ତେବେ ସେମାନଙ୍କର ସଂଖ୍ୟା ଅତି ନଗଣ୍ୟ । ବିଶେଷତଃ ବିଦେଶିନୀମାନେ ଆକୃଷ୍ଟ ହୋଇ ନାରୀ ନାଗା ହୋଇଥିବାର ଦେଖାଯାଏ । ନାଗାମାନେ ଶିବ ଭକ୍ତ ଓ କୌଣସି ଲୁଗା ପିନ୍ଧନ୍ତି ନାହିଁ । ସେମାନଙ୍କର ଯୁକ୍ତି ହେଲା ଯେ ଶିବ ଦିଗମ୍ବର ହୋଇଥିବାରୁ ସେମାନଙ୍କୁ ସେଥିପାଇଁ ଦେହକୁ ଆବରଣ ରଖିବା ମନା । ନାଗା ଫୌଜରେ ସାମିଲ ହେବାକୁ ହେଲେ ପ୍ରଥମେ ଆଖଡ଼ାର ମହନ୍ତଙ୍କ ପାଖରେ ପହଞ୍ଚି କିଛିଦିନ ଅପେକ୍ଷା କରିବାକୁ ପଡ଼ିଥାଏ । ମହନ୍ତଙ୍କର ବହୁ ପରୀକ୍ଷା ପରେ ଯଦି ସଫଳତା ମିଳେ ତେବେ ତାଙ୍କୁ ଦଳରେ ସାମିଲ କରାଯାଏ । ଦଳଭୁକ୍ତ ହେବାପରେ ଏକ ବିଶେଷ ପ୍ରକ୍ରିୟାଦ୍ୱାରା ନବାଗତକୁ ନଂପୁସକ କରିଦିଆଯାଏ । ଯାହାଫଳରେ କୌଣସି ସ୍ତ୍ରୀ ପ୍ରଲୋଭନରେ ସେମାନେ ପଡ଼ିନଥାନ୍ତି । ନାଗାମାନେ ଆଦୌ କ୍ଷୌର ହୁଅନ୍ତି ନାହିଁ । ମସ୍ତକର ଲମ୍ବା ବାଳକୁ ଜଟା ଆକାରରେ ବାନ୍ଧିଥାନ୍ତି । ସ୍ନାନ କରିବା ପରେ ଦେହରେ ବିଭୂତି ବୋଲି ତିଳକ ଧାରଣ କରିଥାନ୍ତି । ଧର୍ମଶାସ୍ତ୍ର, ଯୋଗ ଇତ୍ୟାଦି ସେମାନଙ୍କୁ ଶିକ୍ଷା ଦିଆଯାଏ । ବିଶେଷ ଭାବରେ ଶସ୍ତ୍ରବିଦ୍ୟାରେ ସେମାନେ ଅତି ନିପୁଣ ଥିବାର ଦେଖାଯାଏ । ଯେକୌଣସି ଆକ୍ରମଣର ସମ୍ମୁଖୀନ ହେବାକୁ ସେମାନେ ଆଦୌ ପଛାନ୍ତି ନାହିଁ । ଆମିଷ ଭକ୍ଷଣ ସେମାନଙ୍କ ପାଇଁ ନିଷିଦ୍ଧ । ସୂର୍ଯ୍ୟାସ୍ତ ପୂର୍ବରୁ ଭୋଜନ ସାରିଦିଅନ୍ତି । ଦୈନିକ ଭିକ୍ଷା କରିବା ସେମାନଙ୍କର ପରମ୍ପରାରେ ଥାଏ । ଦିନକରେ ମାତ୍ର ପାଞ୍ଚଜଣଙ୍କଠାରୁ ସେମାନେ ଭିକ୍ଷା ଗ୍ରହଣ କରିଥାନ୍ତି । ସେମାନଙ୍କର ରହିବା ସ୍ଥାନ ଆଖଡ଼ା ଭାବରେ ପରିଚିତ । ଶସ୍ତ୍ରବିଦ୍ୟା ସେମାନେ ସେହିଠାରେ ହିଁ ଶିକ୍ଷା କରନ୍ତି । ହିମାଳୟର ଅତ୍ୟନ୍ତ ଶୀତଳ ସ୍ଥାନମାନଙ୍କରେ ମଧ୍ୟ ସେମାନେ ରହିପାରନ୍ତି । ଦେବସ୍ଥାନ ଓ ଭକ୍ତଜନମାନଙ୍କୁ ଆକ୍ରମଣକାରୀମାନଙ୍କ କବଳରୁ ରକ୍ଷା କରିବା ନିମନ୍ତେ ସେମାନେ ବଦ୍ଧପରିକର । ଆଗକାଳରେ ରାଜା, ମହାରାଜାମାନେ ବିଦେଶୀମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ସେମାନଙ୍କର ସାହାଯ୍ୟ ନେଉଥିଲେ । ମୋଗଲ ସେନାପତି ଅହମ୍ମଦ ଶାହା ଅବଦାଲି ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ଗୋକୁଳ ଦଖଲ ପାଇଁ ଯିବାବେଳେ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ନାଗାସାଧୁ ତାଙ୍କୁ ଯୁଦ୍ଧରେ ପରାସ୍ତ କରିଦେଇଥିଲେ । ଯାହାଫଳରେ ଗୋକୁଳ ମୋଗଲମାନଙ୍କ ଆକ୍ରମଣରୁ ରକ୍ଷା ପାଇଯାଇଥିଲା ।

ଭାରତ ସ୍ୱାଧୀନ ହେବାପରେ ନାଗାମାନଙ୍କର ଆଉ ଯୁଦ୍ଧ କରିବାର ମନୋବୃତ୍ତି ରହିଲା ନାହିଁ । ଆଖଡ଼ାର ମହନ୍ତମାନଙ୍କର ସେମାନଙ୍କ ପ୍ରତି ନିର୍ଦ୍ଦେଶ ରହିଲା ଯେ ଭାରତୀୟ ସଂସ୍କୃତି ଓ ଦର୍ଶନ ପ୍ରତି ଅନୁରକ୍ତ ରହି ସେ ସବୁର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିବା ସହ ସେ ସବୁର ସୁରକ୍ଷା କରିବା । ନାଗା ସାଧୁମାନଙ୍କର ୧୩ଟି ପ୍ରମୁଖ ଦଳ ବା ଆଖଡ଼ା ରହିଛି । ପ୍ରତ୍ୟେକ ଦଳର ମୁଖ୍ୟ ଭାବେ ଜଣେ ମହନ୍ତ ରହିଥାନ୍ତି ।

୦୧. ଶ୍ରୀ ନିରଞ୍ଜନ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୮୨୬ରେ ଗୁଜୁରାଟର ମାଣ୍ଡବୀଠାରେ ସ୍ଥାପିତ ହୋଇଥିଲା । ସେମାନଙ୍କର ଇଷ୍ଟଦେବ ହେଲେ ଶିବପୁତ୍ର କାର୍ତ୍ତିକେୟ । ସେମାନଙ୍କ ମଧ୍ୟରେ ଦିଗମ୍ବର ସାଧୁ, ମହନ୍ତ ଓ ମହାମଣ୍ଡଳେଶ୍ୱର ଅଛନ୍ତି । ଆଖଡ଼ାର ଶାଖା ଆହ୍ଲାବାଦ, ଉଜ୍ଜୟିନୀ, ହରିଦ୍ୱାର, ତ୍ର୍ୟଂମ୍ବକେଶ୍ୱର ଓ ଉଦୟପୁରରେ ରହିଛି ।

୦୨. ଶ୍ରୀ ଜୁନା ଦତ୍ତ ବା ଜୁନା ଆଖଡ଼ା: ଏହା ୧୧୪୫ ଖ୍ରୀ.ଅ.ରେ ଉତ୍ତରାଖଣ୍ଡର କର୍ଣ୍ଣପ୍ରୟାଗଠାରେ ସ୍ଥାପିତ ହୋଇଥିଲା । ଏହି ଦଳର ଇଷ୍ଟ ହେଉଛନ୍ତି ରୁଦ୍ରାବତାର ଦତ୍ତାତ୍ରେୟ । ଦଳର ମୁଖ୍ୟ କେନ୍ଦ୍ର ବାରାଣସୀର ହନୁମାନଘାଟଠାରେ ଥିବାର କୁହାଯାଏ । ବର୍ତ୍ତମାନ ହରିଦ୍ୱାରର ମାୟାବତୀ ମନ୍ଦିର ପାଖରେ ସେମାନଙ୍କର ଆଶ୍ରମ ରହିଛି । ପ୍ରୟାଗ ସଂଗମଠାରେ ହେଉଥିବା କୁମ୍ଭମେଳାରେ ସାହି ସ୍ନାନ ନିମନ୍ତେ ସେମାନଙ୍କର ଆସିବାବେଳର ଦୃଶ୍ୟ ବେଶ୍ ଚମକତା ସୃଷ୍ଟି କରିଥାଏ । ବର୍ତ୍ତମାନ ସେମାନଙ୍କର ମହନ୍ତ ହେଉଛନ୍ତି ଅବଧୋସ ଆନନ୍ଦଗିରି ମହାରାଜ ।

୦୩. ଶ୍ରୀ ମହାନିର୍ବାଣ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୬୭୧ରେ ସ୍ଥାପିତ ହୋଇଥିଲା । କେତେକଙ୍କ ମତରେ ବିହାର ରାଜ୍ୟର ବୈଦନାଥ ଧାମରେ ଏହା ପ୍ରଥମେ ପ୍ରତିଷ୍ଠିତ ହୋଇଥିଲା । ଅନ୍ୟ ମତରେ ହରିଦ୍ୱାରସ୍ଥ ନୀଳଧାରାଠାରେ ସ୍ଥାପିତ ହୋଇଥିବାର କହିଥାନ୍ତି । କପିଳମୁନି ହେଉଛନ୍ତି ସେମାନଙ୍କର ଇଷ୍ଟଦେବ । ଏହି ଆଖଡ଼ାର ଶାଖା ଆହ୍ଲାବାଦ, ହରିଦ୍ୱାର, ଉଜ୍ଜୟିନୀ, ତ୍ର୍ୟଂମ୍ବକେଶ୍ୱର, ଓଁକାରେଶ୍ୱର ଏବଂ କନଖଳରେ ରହିଛି । ଇତିହାସରୁ ଜଣାଯାଏ ଯେ ଖ୍ରୀ.ଅ. ୧୨୬୦ରେ ମହନ୍ତ ଭଗବାନନ୍ଦଙ୍କ ନେତୃତ୍ୱରେ ପ୍ରାୟ ୨୨ହଜାର ନାଗାସାଧୁ କନଖଳସ୍ଥିତ ମନ୍ଦିରକୁ ମୋଗଲ ଆକ୍ରମଣରୁ ରକ୍ଷା କରିଥିଲେ ।

୦୪. ଶ୍ରୀ ଅଟଳ ଆଖଡ଼ା: ସର୍ବ ପୁରାତନ ଏହି ଆଖଡ଼ା ଖ୍ରୀ.ଅ. ୫୬୯ରେ ଗଣ୍ଡୱାନଠାରେ ସ୍ଥାପିତ ହୋଇଥିଲା । ଆଖଡ଼ାର ଇଷ୍ଟଦେବ ହେଉଛନ୍ତି ଶ୍ରୀ ଗଣେଶ । ସେମାନଙ୍କର ମୁଖ୍ୟ ପୀଠ ପାଟନାଠାରେ ରହିଥିବା ବେଳେ କନଖଳ, ହରିଦ୍ୱାର, ଆହ୍ଲାବାଦ, ଉଜ୍ଜୟିନୀ ଓ ତ୍ର୍ୟଂମ୍ବକେଶ୍ୱରରେ ଶାଖାମାନ ରହିଛି ।

୦୫. ଶ୍ରୀ ଆହବାନ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୬୪୬ ମସିହାରେ ସ୍ଥାପିତ ହେଲେ ମଧ୍ୟ ଖ୍ରୀ.ଅ. ୧୬୦୩ରେ ପୁନର୍ଗଠିତ ହୋଇଥିଲା । ଶ୍ରୀ ଦତ୍ତାତ୍ରେୟ ଓ ଶ୍ରୀଗଜାନନ ସେମାନଙ୍କର ଇଷ୍ଟଦେବତା ଭାବେ ପୂଜିତ । ଏହି ଆଖଡ଼ାର କେନ୍ଦ୍ରସ୍ଥଳୀ କାଶୀ ଅଟେ । ଏହାର ଅନ୍ୟ ଏକ ଆଶ୍ରମ ଋଷିକେଶଠାରେ ମଧ୍ୟ ରହିଛି । ସ୍ୱାମୀ ଅନୁପଗିରି ଓ ଉମାରବ ଗିରି ଆଖଡ଼ାର ପ୍ରମୁଖ ସନ୍ଥ ମଧ୍ୟରେ ଅଛନ୍ତି ।

୦୬. ଶ୍ରୀ ଆନନ୍ଦ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୮୫୫ରେ ମଧ୍ୟପ୍ରଦେଶର ବେରାରଠାରେ ସ୍ଥାପନ କରାଯାଇଥିଲା । ଏହାର କେନ୍ଦ୍ର ବାରଣାସୀରେ ରହିଛି । ଅନ୍ୟ ଶାଖା ସବୁ ଆହ୍ଲାବାଦ, ହରିଦ୍ୱାର ଏବଂ ଉଜ୍ଜୟିନୀରେ ରହିଥିବାର ଦେଖାଯାଏ ।

୦୭. ଶ୍ରୀ ପଞ୍ଚାଗ୍ନି ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୧୧୩୬ରେ ସ୍ଥାପିତ ହୋଇଥିଲା । ଆଖଡ଼ାର ଇଷ୍ଟଦେବୀ ହେଉଛନ୍ତି ଗାୟତ୍ରୀ ଏବଂ ତାହାର ମୁଖ୍ୟ କେନ୍ଦ୍ର କାଶୀରେ ରହିଛି । ଏହାର ସଦସ୍ୟମାନଙ୍କ ମଧ୍ୟରେ ଚାରିପୀଠର ଶଙ୍କରାଚାର୍ଯ୍ୟ, ବ୍ରହ୍ମଚାରୀ, ସାଧୁ ଓ ମହାମଣ୍ଡଳେଶ୍ୱର ସାମିଲ ରହିଥାନ୍ତି । ପରମ୍ପରା ଅନୁସାରେ ଆଖଡ଼ାର ଶାଖାଗୁଡ଼ିକ ଆହ୍ଲାବାଦ, ହରିଦ୍ୱାର, ଉଜ୍ଜୟିନୀ ଏବଂ ତ୍ର୍ୟଂମ୍ବକେଶ୍ୱର ରହିଛି ।

୦୮. ଶ୍ରୀ ନାଗପନ୍ଥୀ ଗୋରଖନାଥ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୮୬୬ରେ ଅହଲ୍ୟା-ଗୋଦାବରୀ ନଦୀର ସଙ୍ଗମ ସ୍ଥଳରେ ସ୍ଥାପିତ ହୋଇଥିଲା । ତାହାର ପ୍ରତିଷ୍ଠାତା ଥିଲେ ପିର ଶିବନାଥଜୀ । ସେମାନଙ୍କର ପ୍ରମୁଖ ଦେବତା ହେଉଛନ୍ତି ଗୋରଖନାଥ ଓ ସେମାନେ ୧୨ ପ୍ରକାରର ପୂଜା ପଦ୍ଧତିକୁ ଅବଲମ୍ବନ କରିଥାନ୍ତି । ଏହି ସମ୍ପ୍ରଦାୟ ଯୋଗିନୀ କୌଲ ନାମରେ ପ୍ରସିଦ୍ଧ । ଏମାନଙ୍କର ତ୍ର୍ୟଂମ୍ବକେଶ୍ୱର ଶାଖା ତ୍ରିବଙ୍କମାଠିକା ନାମରେ ପ୍ରସିଦ୍ଧ ।

୦୯. ଶ୍ରୀ ବୈଷ୍ଣବ ଆଖଡ଼ା: ଏହି ବାଲାନନ୍ଦ ଆଖଡ଼ା ଖ୍ରୀ.ଅ. ୧୫୯୫ରେ ଦାରାଗଞ୍ଜର ଶ୍ରୀ ମଧ୍ୟମୁରାରୀଠାରେ ସ୍ଥାପିତ ହୋଇଥିଲା । ସମୟ ଅନୁସାରେ ଏଥିରେ ନିର୍ମୋହୀ, ନିର୍ବାଣୀ ଓ ଖାକୀ ନାମରେ ତିନୋଟି ସମ୍ପ୍ରଦାୟର ସୃଷ୍ଟି ହେଲା । ଏହି ଆଖଡ଼ା ତ୍ର୍ୟଂବକ୍ରେଶ୍ୱରର ମାରୁତି ମନ୍ଦିର ନିକଟରେ ରହିଥିଲା । ଖ୍ରୀ.ଅ. ୧୮୪୮ ପର୍ଯ୍ୟନ୍ତ ସାହି ସ୍ନାନ ତ୍ର୍ୟଂମ୍ବକେଶ୍ୱରଠାରେ ହିଁ ହୋଇଥିଲା । କିନ୍ତୁ ସେହି ବର୍ଷ ପରଠାରୁ ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟରୁ କିଏ ପ୍ରଥମେ ସାହିସ୍ନାନ କରିବେ ଏହାକୁ ନେଇ ବିବାଦ ସୃଷ୍ଟି ହେଲା । ଶ୍ରୀମତ୍ ପେସ୍‌ୱାଜୀ ଏହି ବିବାଦର ଅନ୍ତ କରାଇଥିଲେ । ସେହି ସମୟରେ ସେ ତ୍ର୍ୟଂମ୍ବକେଶ୍ୱର ପାଖରେ ଥିବା ଚକ୍ରତୀର୍ଥରେ ସ୍ନାନ କରିଥିଲେ । ଖ୍ରୀ.ଅ. ୧୯୩୨ ପରେ ସେମାନେ ନାସିକଠାରେ ସ୍ନାନ କରିବା ପାଇଁ ଲାଗିଲେ । ଆଜି ମଧ୍ୟ ଏହି ସ୍ନାନ ନାସିକଠାରେ ହିଁ ହେଉଛି ।

୧୦. ଶ୍ରୀ ଉଦାସୀନ ପଞ୍ଚାୟତି ବଡ଼ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୧୯୧୦ରେ ସ୍ଥାପିତ ହୋଇଥିଲା । ଏହି ସମ୍ପ୍ରଦାୟର ପ୍ରତିଷ୍ଠାତା ଥିଲେ ଶ୍ରୀ ଚନ୍ଦ୍ର ଆଚାର୍ଯ୍ୟ ଉଦାସୀନ । ଏମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭେଦଭାବ ରହିଛି । ଏଥିରେ ମଧ୍ୟରେ ଉଦାସୀନ ସାଧୁ, ମହନ୍ତ ଓ ମହାମଣ୍ଡଳେଶ୍ୱର ସଂଖ୍ୟା ଅଧିକ ରହିଛି । ଏମାନଙ୍କର ଶାଖାଗୁଡ଼ିକ ପ୍ରୟାଗ ହରିଦ୍ୱାର, ଉଜ୍ଜୟିନୀ, ତ୍ର୍ୟଂମ୍ବକେଶ୍ୱର, ଉଜଜୟିନୀ, କନଖଲ, ସାହେବଗଞ୍ଜ, ମୁଲତାନ, ନେପାଳ ଓ ଚେନ୍ନାଇଠାରେ ରହିଛି ।

୧୧. ଶ୍ରୀ ଉଦାସୀନ ନୂଆ ଆଖଡ଼ା: ଏହି ଆଖଡ଼ା ଖ୍ରୀ.ଅ. ୧୭୧୦ରେ ସ୍ଥାପିତ ହୋଇଥିଲା । ବଡ଼ ଉଦାସୀନ ଆଖଡ଼ାର କିଛି ସାଧୁ ଅଲଗା ହୋଇ ଏହାର ସ୍ଥାପନ କରିଥିଲେ । ସେମାନଙ୍କର ପ୍ରବର୍ତ୍ତକ ଥିଲେ ମହନ୍ତ ସୁଧିର ଦାସଜୀ । ଶାଖାଗୁଡ଼ିକ ହରିଦ୍ୱାର, ଉଜ୍ଜୟିନୀ, ତ୍ର୍ୟମ୍ବକେଶ୍ୱରଠାରେ ରହିଛି ।

୧୨. ଶ୍ରୀ ନିର୍ମଳ ପଞ୍ଚାୟତି ଆଖଡ଼ା: ଖ୍ରୀ.ଅ. ୧୭୮୪ରେ ହରିଦ୍ୱାରଠାରେ ହୋଇଥିବା କୁମ୍ଭମେଳାର ଏକ ବଡ଼ ସଭାରେ ଆଲୋଚନା ହେବାପରେ ଶ୍ରୀ ଦୁର୍ଗାସିଂହ ମହାରାଜ ଏହି ଆଖଡ଼ାର ପ୍ରତିଷ୍ଠା କରିଥିଲେ । ଗୁରୁଗ୍ରନ୍ଥ ସାହିବ ଆଖଡ଼ାର ଇଷ୍ଟ ପୁସ୍ତକ ଅଟେ । ଏଥିରେ ସାମ୍ପ୍ରଦାୟିକ ସାଧୁ ମହନ୍ତ ଓ ମହାମଣ୍ଡଳେଶ୍ୱରମାନଙ୍କର ସଂଖ୍ୟା ଅଧିକ । ଏହି ଆଖଡ଼ାର ଶାଖାଗୁଡ଼ିକ ହରିଦ୍ୱାର, ଉଜ୍ଜୟିନୀ ଓ ତ୍ର୍ୟଂମ୍ବକେଶ୍ୱରଠାରେ ରହିଛି ।

୧୩. ନିର୍ମୋହୀ ଆଖଡ଼ା: ରାମାନନ୍ଦାଚାର୍ଯ୍ୟଙ୍କଦ୍ୱାରା ଖ୍ରୀ.ଅ. ୧୭୨୦ରେ ଏହା ସ୍ଥାପିତ ହୋଇଥିଲା । ଏହି ଆଖଡ଼ାର ମଠ ଏବଂ ମନ୍ଦିରଗୁଡ଼ିକ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟ ଓ ବିହାରରେ ରହିଛି । ଆଗରୁ ଏହାର ଅନୁଗାମୀମାନଙ୍କୁ ତୀର ଏବଂ ଖଣ୍ଡା ଚାଳନାର ଶିକ୍ଷା ଦିଆଯାଉଥିଲା । ପ୍ରାଚୀନ କାଳରେ ଲୋମଶ ନାମରେ ଜଣେ ଋଷି ଥିଲେ ଯାହାଙ୍କର ଆୟୁଷ ଥିଲା ବହୁତ ଅଧିକ । କଥିତ ଅଛି ଯେ ଯେତେବେଳେ ହଜାରେ ବ୍ରହ୍ମାଙ୍କର ଯୁଗ ସରିଯାଏ ତାଙ୍କ ଶରୀରରୁ ଗୋଟିଏ ମାତ୍ର ଲୋମ ଖସି ଥାଏ । ତନ୍ତ୍ର ପରମ୍ପରାକୁ ଆଧାର କରି ଏହାର ସ୍ଥାପନା କରାଯାଇଛି । ଏଥିର ସାଧୁମାନେ ବଡ଼ ରହସ୍ୟମୟ । ପୂଜା ଧ୍ୟାନ ଇତ୍ୟାଦିରେ ସେମାନେ ସମୟ ବିତାଇଥାନ୍ତି ।

ନାଗାସାଧୁ ହେବାର ପ୍ରକ୍ରିୟା ବଡ଼ କଠିନ ଓ ସେଥିପାଇଁ ପ୍ରାୟ ୬ବର୍ଷ ସମୟ ଲାଗିଥାଏ । ପ୍ରଥମେ ନୂଆ ସଦସ୍ୟତା ପାଇଁ ଏକ ଲେଙ୍ଗୁଟି ପିନ୍ଧିବାକୁ ହୁଏ । କୁମ୍ଭମେଳାରେ ସେମାନଙ୍କର ଶେଷ ପ୍ରକ୍ରିୟାର ସମାପ୍ତ ହେବାପରେ ଲେଙ୍ଗୁଟି ଛାଡ଼ି ଦେଇ ଜୀବନର ଶେଷ ପର୍ଯ୍ୟନ୍ତ ଲଙ୍ଗଳା ରହିଥାନ୍ତି । ନାଗା ସନ୍ନ୍ୟାସୀମାନଙ୍କର ପ୍ରତ୍ୟେକଟି ଆଖଡ଼ା ଠିକ୍ ଭାବରେ ବ୍ୟକ୍ତି ଚରିତ୍ରକୁ ପରୀକ୍ଷା କରି ଦଳରେ ସାମିଲ କରିଥାନ୍ତି । ପ୍ରଥମେ ବ୍ରହ୍ମଚାରୀ ଭାବରେ ରହିବାକୁ ହୋଇଥାଏ । ଏହାପରେ ମହାପୁରୁଷ ଓ ଶେଷରେ ଅବଧୂତ ଭାବେ ପରିଚିତ ହୋଇଥାନ୍ତି । ଶେଷ ପ୍ରକ୍ରିୟା ମହାକୁମ୍ଭ ମେଳାରେ ହୋଇଥାଏ । ଯେଉଁଥିରେ ନିଜକୁ ପିଣ୍ଡଦାନ କରିବା ସହ ଦଣ୍ଡି ସଂସ୍କାର ସାମିଲ ରହିଥାଏ ।

# ଆଲୋକର ପର୍ବ ଦୀପାବଳି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭



ସନାତନ ଧର୍ମରେ ବର୍ଷସାରା ଅନେକ ପର୍ବ ପର୍ବାଣୀ ପାଳନ କରାଯାଏ, ତନ୍ମଧ୍ୟରୁ ସର୍ବ ପ୍ରଥମେ ଶ୍ରୀ ଶ୍ରୀ ଗଣପତିଙ୍କ ପୂଜା ପରେ ରଥ ଯାତ୍ରା, ବିଶ୍ୱକର୍ମା ପୂଜା , ଦଶହରା , ଲକ୍ଷ୍ମୀ ପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଇତ୍ୟାଦି ନିଷ୍ଠାର ସହିତ ପାଳନ କରାଯାଏ । ଐତିହାସିକ ମାନଙ୍କ ମତରେ ଦୀପାବଳୀ ଭାରତ ବର୍ଷରେ ପ୍ରାୟ ୨୫୦୦ ବର୍ଷ ଧରି ପାଳନ କରା ଯାଉଛି, ଏହା ଆଲୋକର ପର୍ବ ସାଧାରଣତଃ ଶସ୍ୟ ଅମଳ ପର୍ବ ଭାବେ ପାଳନ କରାଯାଏ ବୋଲି ଅନେକଙ୍କ ମତ । ଦୀପ ଜାଳିବା ଦ୍ୱାରା ଅନେକ କ୍ଷତିକାରକ ପୋକ ଅଗ୍ନିରେ ପୋଡି ହୋଇ ମରି ଯାଇ ଥା'ନ୍ତି ଏବଂ ଫସଲ ରକ୍ଷା ହୋଇ ଥାଏ । ଏହି ପର୍ବ ଭାରତ ବର୍ଷ ଛଡା ନେପାଳ, ମାଲେସିଆ, ସିଙ୍ଗାପୁର, ମିଆଁମାର, ଗୁଏନା , ସୁରିନାମ , ଫିଜି, ମରିସସ, ତ୍ରିନିଦାଦ, ଟବାଗୋ ଇତ୍ୟାଦି ଦେଶରେ ପାଳନ କରାଯାଏ କାରଣ ସେଠାର ଅନେକ ହିନ୍ଦୁ ଅଛନ୍ତି । ସେହି ଦେଶର ସରକାର୍ ମଧ୍ୟ ଦୀପାବଳି ପାଇଁ ସରକାରୀ ଛୁଟି ଘୋଷଣା କରି ଥାଆନ୍ତି । କେବଳ ହିନ୍ଦୁ ନୁହନ୍ତି ବୌଦ୍ଧ, ଜୈନ ତଥା ଶିଖ ମାନେ ଦୀପାବଳି ପାଳନ କରୁଛନ୍ତି । କାର୍ତ୍ତିକ ମାସ ଅମାବାସ୍ୟା ଦିନ ଦୀପାବଳି ଉତ୍ସବ ହିନ୍ଦୁ ଧର୍ମାବଲମ୍ବୀ ମାନେ ପାଳନ କରିଥା'ନ୍ତି । ଏହି ଦୀପାବଳି ଅମାବାସ୍ୟାକୁ ପୟା ଅମାବାସ୍ୟା ମଧ୍ୟ କହନ୍ତି । ସେଦିନ ଦୀପର ଆଲୋକରେ ଗୃହ ଗୁଡିକୁ ସଜାଇ ଦିଆ ଯାଇଥାଏ, ପ୍ରାୟ ଅଧିକାଂଶ ଆତସ୍ ବାଜି ଫୁଟାଇ ବର୍ଷର ସେହି ଦିନଟିକୁ ଚିର ସ୍ମରଣୀୟ କରିଥା'ନ୍ତି । କର୍ମ ବହୁଳ ସଂଗ୍ରାମ ଭରା ଜୀବନ ଭିତରେ ପର୍ବ ପର୍ବାଣୀ କିଛି ଆନନ୍ଦ ଦେଉଥିବା ସମୟରେ ଐଶ୍ୱରିକ ମାର୍ଗ ଦିଗକୁ ମଧ୍ୟ ଆମ ମାନଙ୍କୁ ଆକର୍ଷିତ କରିଥାଏ । ରୀତି ନୀତି ସମୟର ସହିତ ବଦଳୁ ଥିଲା, ବର୍ତ୍ତମାନ ମଧ୍ୟ ବଦଳିଛି ଆଗକୁ ମଧ୍ୟ ବଦଳିବ ଏଥିରେ କୌଣସି ସନ୍ଦେହ ନାହିଁ । ସଂସ୍କାରୀ ବ୍ୟକ୍ତି ମାନେ ସଂସ୍କାରକୁ ବିଭିନ୍ନ ଉପାୟରେ ବାନ୍ଧି ରଖି ପାରିଛନ୍ତି ଆଉ କିଛି ଧର୍ମ ନାମରେ ନିଜ ସ୍ୱାର୍ଥ ସିଦ୍ଧି ତଥା ମନୋରଞ୍ଜନ ନିମନ୍ତେ ପର୍ବ ପର୍ବାଣୀକୁ ବ୍ୟବହାର କରୁଛନ୍ତି । ରାମାୟଣକୁ ଯଦି ଆଧାର କରିବା ତେବେ ସତ୍ୟଯୁଗରେ ଶ୍ରୀ ରାମଚନ୍ଦ୍ର ଲଙ୍କାଧିଶ ରାବଣକୁ ମାରି ସୀତା ମାତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରି ଥିଲେ । ଅଯୋଧ୍ୟାର ସମସ୍ତ ପ୍ରଜା ଶ୍ରୀରାମଙ୍କ ଆଗମନକୁ ସ୍ୱାଗତ କରି ତଥା 'ଅସତ୍ୟ ଉପରେ ସତ୍ୟର ବିଜୟ' ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଲୋକ କଥା ଅନୁସାରେ ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଦୈତ୍ୟ ରାଜା ବଳିଙ୍କ ବିଷୟରେ ଯଦି ଅନୁଧ୍ୟାନ କରିବା ତେବେ ଜାଣିବାକୁ ମିଳେ , ଦୈତ୍ୟରାଜ ବଳି ମହାଦାନୀ ଥିଲେ ତିନି ଭୂବନରେ ତାଙ୍କର ଦାନର ତୁଳନା ନ' ଥିଲା । ତାଙ୍କର ଦାନ ଏପରି ଥିଲା ଯେ, ସ୍ୱର୍ଗର ଦେବତା ମାନଙ୍କ ମଧ୍ୟରେ ମଧ୍ୟ ଭାଳେଣି ପଡ଼ିଗଲା , କାରଣ ତାଙ୍କର ପୂଣ୍ୟ ଫଳରେ ସେ ହୁଏତ ସ୍ୱର୍ଗ ପୂରର ଅଧିକାରୀ ହେଇପାରନ୍ତି । ଦେବତା ମାନଙ୍କ ଅନୁରୋଧ ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳି ରାଜଙ୍କ ପାଖରେ ପହଞ୍ଚିଥିଲେ । ବାମନ ରୂପୀ ବିଷ୍ଣୁ ତାଙ୍କୁ କିଛି ଭିକ୍ଷା ମାଗିଲେ , ବଳି ଦାନ ଦେବାକୁ ନିଜର ସ୍ୱୀକୃତି ପ୍ରଦାନ କରିବା ପରେ ବାମନ ରୂପୀ ବିଷ୍ଣୁ ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ସେ ତତ୍‌କ୍ଷଣାତ ରାଜି ହୋଇ ତିନିପାଦ ଭୂମି ଦେବାକୁ ଘୋଷଣା କଲେ । ମାୟାବୀ ବିଷ୍ଣୁ ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପି ଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ସ୍ୱୟଂ ବିଷ୍ଣୁ ପାତାଳରେ ବଳିଙ୍କୁ ରାଜା କରି ଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟ ପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବିଷ୍ଣୁଙ୍କୁ ଅନୁରୋଧ କରିଥିଲେ, ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ବିଷ୍ଣୁ ତଥାସ୍ତୁ କହିଲେ । ତେଣୁ ଦାନବୀର ବଳିଙ୍କୁ ତାଙ୍କ ଜନହିତକର କାର୍ଯ୍ୟ ପାଇଁ ମନେ ରଖିବାକୁ ମର୍ତ୍ତ୍ୟବାସୀ ଆନନ୍ଦରେ ଦୀପ ପ୍ରଜ୍ୱଳିତ କରି ଆଲୋକିତ କରନ୍ତି ବୋଲି ଲୋକମତ ରହିଛି । ଦ୍ୱାପର ଯୁଗର କଥା ହେଲା ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠି ସହସ୍ର ରାଜ କନ୍ୟାଙ୍କୁ ଉଦ୍ଧାର କଲା ପରେ ଇନ୍ଦ୍ର ମାତାଙ୍କୁ ନରକାସୁର ଦ୍ୱାରା ଅପହୃତ ମଣି କୁଣ୍ଡଳକୁ ଫେରାଇ ଦେବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ ସେଠାର ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତା ବାଧା ଦେବାରୁ ଶ୍ରୀ କୃଷ୍ଣ ସବୁ ଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହି ଦିବସରେ ଦ୍ୱାରକା ପ୍ରତ୍ୟାବର୍ତ୍ତନ କରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ର ନଗରୀକୁ ଦୀପ ମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ଋକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡ଼ି ରହିଥିଲା, କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ । ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିରରେ ମାର୍ଗଶୀର ମାସ ଚତୁର୍ଦ୍ଦଶୀ ତିଥିଠାରୁ ଶ୍ରୀମନ୍ଦିରରେ ତିନିଦିନ ବ୍ୟାପି ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଥାଏ, ଏହି ତିନି ଦିନ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ବେଶରେ ଭୂଷିତ ହୋଇ ବାମନ ରୂପରେ ସତ୍ୟ ଯୁଗର ଅଦିତି ଓ କଶ୍ୟପ, ଶ୍ରୀରାମ ରୂପରେ ତ୍ରେତୟା ଯୁଗର କୌଶଲ୍ୟା, ଦଶରଥ ଏବଂ ଶ୍ରୀକୃଷ୍ଣ ରୂପରେ ଦେବକୀ ଏବଂ ବସୁଦେବ ତଥା ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି । ଶ୍ରଦ୍ଧାଳୁ ହିନ୍ଦୁମାନେ ଯେପରି କାର୍ତ୍ତିକ ଅମାବାସ୍ୟା ତିଥି, ଦୀପାବଳି ଦିନ ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣାଦି କରି ଦୀପଦାନ କରିଥାନ୍ତି, ଠିକ୍ ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦ ତିଥିରେ ତିନିଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି । ଦୀପାବଳି ଉତ୍ସବ ପାଳନ ନିମନ୍ତେ ଆମେ ସଜବାଜ ହୋଇ ଗଲୁଣି , ପୂର୍ବ ସ୍ମୃତିକୁ ରୋମନ୍ଥନ କରି ଭବିଷ୍ୟତର ଯୁବ ପିଢ଼ି ନିମନ୍ତେ କିଛି ସୁ ସନ୍ଦେଶ ଦେଇ ଦୀପାବଳୀ ଉତ୍ସବ ପାଳନ କରିବା ଉଚିତ୍ ହେବ । କାଉଁରିଆ କାଠି ଜାଳି ନିଜ ପିତୃ ପୁରୁଷଙ୍କୁ ସସମ୍ମାନେ ପୃଥିବୀ ପୃଷ୍ଠରୁ ଦେବ ଲୋକକୁ ପଥ ଦେଖାଇବା ସହିତ ଆସନ୍ତା ବର୍ଷ ପୁନଃ ପ୍ରତ୍ୟାବର୍ତ୍ତନ କରିବାକୁ ନମ୍ରତାର ସହିତ ଅନୁରୋଧ କରାଯାଏ । ଯଥେଷ୍ଟ ସଂଯମତାର ସହିତ ସବୁଜ ଫୋଟକା ଯାହାକି ଅତ୍ୟଧିକ ଶବ୍ଦ ପ୍ରଦୂଷଣ କରୁ ନ'ଥିବ ସେଗୁଡ଼ିକୁ କେବଳ ଧର୍ମ ରକ୍ଷା ନିମନ୍ତେ ବ୍ୟବହାର କରାଯିବା ଉଚିତ ଅନ୍ୟଥା ବାୟୁ ପ୍ରଦୂଷଣ ଜନିତ କଷ୍ଟ ଶିଶୁଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଲାଗି ଘାତକ ସାବ୍ୟସ୍ତ ହେବ । ଅତି ସବୁଠାରେ କ୍ଷତିକାରକ ତେଣୁ ଧର୍ମକୁ ନୀତି ପୂର୍ଣ୍ଣ ଭାବେ ସଂଯମତା ତଥା ପରିବେଶର ସୁରକ୍ଷା ସହିତ ପାଳନ କରିବା ଜଣେ ଜଣେ ସନାତନ ଧର୍ମୀଙ୍କ ପ୍ରକୃତ ଧର୍ମର ନିଦର୍ଶନ ହେବ । ଜାଣେନା ଏହା କେତେଦୂର ସତ୍ୟ , ତେବେ ବିଭିନ୍ନ ସ୍ଥାନରୁ ସଂଗୃହିତ ଯୁକ୍ତିକୁ ଆଧାର କରି ଲେଖିବାକୁ ଚେଷ୍ଟା କରିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅକ୍ଟୋବର ୨୦୨୪, ବୁଧବାର



# ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କ ଜୀବନଚରିତ "ଜଗନ୍ନାଥାମୃତ ଗୀତା'



ନବାକ୍ଷରୀ ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କ ଜୀବନଚରିତ ହେଉଛି "ଜଗନ୍ନାଥାମୃତ ଗୀତା'। ଏହା ଶ୍ରୀଜଗନ୍ନାଥ ଚରିତାମୃତ ନାମରେ ପ୍ରସିଦ୍ଧ। ଏହାର ରଚୟିତା ବିପ୍ର ଦିବାକର ଦାଶ।

ଭାଦ୍ରବ ଶୁକ୍ଳ ଅଷ୍ଟମୀ ବା ରାଧାଷ୍ଟମୀ ଅତିବଡ଼ ଜଗନ୍ନାଥ ଦାସଙ୍କ ଆର୍ବିଭାବ ଦିବସ ଜଗନ୍ନାଥାମୃତ ଗୀତାର ପ୍ରଥମ ଅଧ୍ୟାୟରେ କବି ଦିବାକର ଦାଶ କହିଛନ୍ତି- ଶ୍ରୀ ଅତିବଡ଼ ଯେ ଗୋସେଇଁ/ ରାଧାଙ୍କ ଅଂଶେ ଜାତ ସେହି ତାହା ଅନୁସାରେ, ଶ୍ରୀରାଧାଙ୍କ ଲଳିତ ହାସରୁ ଅତିବଡ଼ ଜଗନ୍ନାଥ ଏବଂ ଶ୍ରୀକୃଷ୍ଣଙ୍କ ମଧୁର ଅମୃତ ହାସରୁ ଶ୍ରୀଚୈତନ୍ୟ ଜାତ ହୋଇଥିଲେ। ରାଧା ଓ କୃଷ୍ଣଙ୍କର ଭାବ ଏକ ନିତ୍ୟଧାମରେ କୃଷ୍ଣଙ୍କୁ ଚାହିଁ ରାଧା ଯେଉଁ ହସ ହସିଲେ, ଅତିବଡ଼ ଜଗନ୍ନାଥ ଦାସ ତହିଁରୁ ଜନ୍ମ ନେଲେ। ସେତେବେଳେ, ଶ୍ରୀଚୈତନ୍ୟଙ୍କୁ ନଦୀୟା ନଗରେ ଜନ୍ମ ନେବାକୁ ଶ୍ରୀକୃଷ୍ଣ କହିଥିଲେ। ଜଗନ୍ନାଥ ଦାସଙ୍କୁ ସେ କହିଥିଲେ ଓଡ଼ିଶା ରାଜ୍ୟରେ ଜନ୍ମଗ୍ରହଣ କରିବାପାଇଁ। ଜଗନ୍ନାଥାମୃତ ଗୀତାର ଉଲ୍ଲେଖମତେ, କପିଳେଶ୍ୱରପୁର ଶାସନରେ, ପୁରାଣପଣ୍ଡା ଭଗବାନ ଓ ତାଙ୍କ ପତ୍ନୀ ପଦ୍ମାଙ୍କର ପୁତ୍ରରୂପେ, ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ମଧ୍ୟାହ୍ନରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ। ବାଳକରୂପେ କ୍ରୀଡ଼ାରତ ଥିବାବେଳେ ମଧ୍ୟ, ସେ ହରେ ରାମ କୃଷ୍ଣ ଜପୁଥିଲେ। ସମୟକ୍ରମେ ତାଙ୍କର ବ୍ରତୋପନୟନ ହେଲା। ଦ୍ୱାଦଶବର୍ଷରେ ପିତା ତାଙ୍କର ବିବାହ କରାଇବାକୁ ଚାହିଁଥିଲେ; ମାତ୍ର ସେ ବିବାହ ନିମନ୍ତେ ରାଜି ନ ହୋଇ, ବିଦ୍ୟାର୍ଜନରେ ପ୍ରବୃତ୍ତ ହେଲେ। ଯଜୁର୍ବେଦ ଓ ସାମବେଦ ତାଙ୍କର କଣ୍ଠସ୍ଥ ହୋଇଥିଲା। ସମସ୍ତ ଶାସ୍ତ୍ରରେ ପୂର୍ଣ୍ଣ ହେବା ସହିତ, ସେ ସମଗ୍ର ମହାଭାରତ ଓ ରାମାୟଣ ଅଧ୍ୟୟନ କରିଥିଲେ। ସଂସ୍କୃତ ଶ୍ରୀମଦ୍‌ଭାଗବତର ସମସ୍ତ ଦ୍ୱାଦଶସ୍କନ୍ଧକୁ ଟୀକା ଟିପ୍‌ପଣୀ ସହିତ ସେ ଅଧ୍ୟୟନ କରିଥିଲେ। ଏହିପରି ଭାବରେ ୧୮ ବର୍ଷ ବୟସ ବିତିଯିବା ପରେ, ସେ ଶ୍ରୀମନ୍ଦିରର ବଟ ଗଣେଶଙ୍କ ନିକଟରେ, ନିୟମିତ ଭାବରେ ଓ ଆନନ୍ଦରେ ସଂସ୍କୃତ ଭାଗବତର ବ୍ୟାଖ୍ୟା କରିଥିଲେ। ତାହାର ଅମୃତଫଳ ନବାକ୍ଷରୀ ଓଡ଼ିଆ ଭାଗବତ।

# ବାରମ୍ବାର ଅସୁବିଧା ଆସୁଥିଲେ କରନ୍ତୁ ଏହି ଉପାୟ



ମଙ୍ଗଳବାର କରନ୍ତୁ ଏହି ଉପାୟ ଦୂର ହେବ ଆପଣଙ୍କ ସବୁ ସମସ୍ୟା। ବଜରଙ୍ଗବାଲୀଙ୍କ କୃପାରୁ ଆପଣଙ୍କ ଜୀବନ ସୁଖମୟ ହେବ। ଆର୍ଥିକ ସ୍ଥିତିକୁ ସୁଧାରିବାକୁ ମଙ୍ଗଳବାର ଦିନ ହନୁମାନଙ୍କର ଏହି ମନ୍ତ୍ରକୁ ୨୧ ଥର ଜପ କରନ୍ତୁ:-ଓଁ ହଂ ହନୁମତେ ନମଃ। ଯଦି ଆପଣ ସବୁ କାମରେ ସଫଳତା ପାଇବାକୁ ଚାହାନ୍ତି ତେବେ ମଙ୍ଗଳବାର ଦିନ ଧଳା କାଗଜ ସହ କମଳା ରଙ୍ଗର ସିନ୍ଦୁର ନିଅନ୍ତୁ । ସେହି ସିନ୍ଦୁରରେ କିଛି ବାସ୍ନାଯୁକ୍ତ ତେଲ କିମ୍ବା ସୁଦ୍ଧ ଗୁଆଘିଅ ମିଶାନ୍ତୁ, ସେହି ଧଳା କାଗଜରେ ପ୍ରଭୁ ଶ୍ରୀରାମଙ୍କ ନାମ ଲେଖନ୍ତୁ। ୧୧ ଥର ରାମ ନାମ ଲେଖନ୍ତୁ, ଏହା ପରେ ସେହି କାଗଜକୁ ଭାଙ୍ଗି ଆପଣଙ୍କ ମନିପର୍ସରେ ରଖନ୍ତୁ। ସେହିପରି ଯଦି ଆପଣ ସ୍ମରଣ ଶକ୍ତି ବଢାଇବାକୁ ଚାହୁଁଥିଲେ କରନ୍ତୁ ଏହି ଉପାୟ। ମଙ୍ଗଳବାର ରାତିରେ କରନ୍ତୁ ଏହି ଉପାୟ। ସୋଇବା ପୂର୍ବରୁ ପାଖରେ ଲାଲ ଚନ୍ଦନ କାଠ ଖଣ୍ଡିଟିଏ ରଖି ସୁଅନ୍ତୁ। ପରଦିନ ସକାଳେ ସେହି ଲାଲ ଚନ୍ଦନ କାଠ ଖଣ୍ଡଟିକୁ ଆପଣଙ୍କ ପାଖରେ ଥିବା କୌଣସି ମନ୍ଦିର କିମ୍ବା ଧାର୍ମିକସ୍ଥଳରେ ଦାନ କରନ୍ତୁ ।

# କିସ୍‌ମିସ୍ ଅବ୍ୟର୍ଥ ଔଷଧ ପରି କାମ କରେ



କିସ୍‌ମିସ୍ ଖାଇବାକୁ କାହାକୁ ବା ଭଲ ଲାଗେନା ? କିସ୍‌ମିସ୍ ଖାଇବାକୁ ଯେତିକି ସ୍ୱାଦିଷ୍ଟ ତାହା ଦେହ ପାଇଁ ତା'ଠାରୁ ବି ଅଧିକ ଭଲ କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣିନଥିବେ। ଏଥିରେ ବହୁ ସ୍ୱାସ୍ଥ୍ୟଗତ ଫାଇଦା ରହିଛି। କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନ୍ୟ ବି ଦୂର ହୋଇଥାଏ। ଥଣ୍ଡା, ଜ୍ୱର, କାଶ ଆଦି ରୋଗର ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାର ସକାରାତ୍ମକ ପ୍ରଭାବ ଆଖି, ଦାନ୍ତ, କେଶ ଓ ହାଡ଼ ଆଦିରେ ପଡ଼ିଥାଏ। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି। ଏହାବ୍ୟତୀତ ଏଥିରେ ଭିଟାମିନ ସି, ଏବଂ ବି-୬ ମଧ୍ୟ ରହିଛି। ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜେଇ ଦିଅନ୍ତୁ ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମିସ୍‌କୁ ଖାଇଦିଅନ୍ତୁ। ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି। ଏହା ଶରୀରରେ ଅତିରିକ୍ତ ଚର୍ବି ନ ବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ। କିସମିସରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି। ଏହାଛଡ଼ା କିସ୍‌ମିସ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ । ଏହାକୁ ନିୟମିତ ଖାଇଲେ ଅନେକ ସୁଫଳ ମିଳିବ।

# ବୈଚିତ୍ର୍ୟମୟ ଶ୍ରୀଜଗନ୍ନାଥ, ଭାଦ୍ର ଶୁକ୍ଳରେ ମହାପ୍ରଭୁଙ୍କ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ



ବର୍ଷକରେ ୨୪ ଏକାଦଶୀ । ଏହି ୨୪ଟି ଏକାଦଶୀ ମଧ୍ୟରୁ ୪ଟି ବଡ଼ ଏକାଦଶୀ ନାମରେ ଖ୍ୟାତ । ଆଷାଢ଼ ଶୁକ୍ଳ ଏକାଦଶୀରେ ହରିଶୟନ ଏକାଦଶୀ, କାର୍ତ୍ତିକରେ ଦେବ ଉତ୍‌ଥାପନ ଏକାଦଶୀ, ଜ୍ୟେଷ୍ଠରେ ନିର୍ଜଳା ଏକାଦଶୀ ଏବଂ ଭାଦ୍ରବରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀକୁ ବଡ଼ ଏକାଦଶୀ ଭାବେ ପାଳନ କରାଯାଏ। ବଡ ଏକାଦଶୀଗୁଡିକର ମାହାତ୍ମ୍ୟ ଅବର୍ଣ୍ଣନୀୟ । ବଡ଼ ଏକାଦଶୀ ଦିନ ଦୀପ ଜାଳି ଭକ୍ତି ଓ ନିଷ୍ଠାର ସହ ବିଷ୍ଣୁଙ୍କୁ ଆରାଧନା କଲେ ତ୍ରିତାପ, ଦୁଃଖଶୋକ ଦୂର ହୁଏ । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ଅନ୍ତର୍ଭୁକ୍ତ । ବାହୁଡା ଯାତ୍ରା ଅବସରରେ ରଥ ଉପରେ ମହାପ୍ରଭୁଙ୍କର ଶୟନ ଏକାଦଶୀ ପାଳିତ ହୁଏ। ଶୟନ ପ୍ରତିମାମାନେ ମହାପ୍ରଭୁଙ୍କର ନିଦ୍ରା ହରଣ କରନ୍ତି ଏବଂ ମହାପ୍ରଭୁ ପ୍ରତୀକାତ୍ମକ ଭାବେ ୪ ମାସ ନିଦ୍ରା ଯାଇଥାନ୍ତି। ନିଦ୍ରା ଯିବାର ଦୁଇ ମାସ ପରେ ଭାଦ୍ରବ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ପାର୍ଶ୍ୱର ପରିବର୍ତ୍ତନ କରନ୍ତି, ଯାହା ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ନାମରେ ଖ୍ୟାତ। ଏହି ଏକାଦଶୀ ଶ୍ରୀମନ୍ଦିରରେ ବିଶେଷ ରୀତିନୀତି ସହ ପାଳିତ ହୁଏ। ପାଶ୍ୱର୍ପରିବର୍ତ୍ତନ ନୀତି ଉତ୍ସବମୁଖର ଏକ ଅପୂର୍ବ ନୀତି। ଶ୍ରୀମନ୍ଦିର ବିଧିବ୍ୟବସ୍ଥା ଅନୁଯାୟୀ ଏହି ନୀତିରେ ଅଧିକ ସେବକ ସେବା କରିଥାନ୍ତି। ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ଦିନ ମହାପ୍ରଭୁଙ୍କର ମହାସ୍ନାନ ହୁଏ। ଘଟୁଆରୀ ସେବକ ବାସଚନ୍ଦନ ଚତୁର୍ଦ୍ଧାମୂର୍ତ୍ତିଙ୍କ ସର୍ବାଙ୍ଗରେ ଲେପନ କରନ୍ତି। ଶ୍ରୀ ମଦନ ମୋହନ ମହାପ୍ରଭୁଙ୍କ ଅଙ୍ଗରୁ ଆଜ୍ଞାମାଳ ଘେନା କରିବା ପରେ ମହାଜନ ସେବକମାନେ ମଦନ ମୋହନଙ୍କ ପ୍ରତିମାଙ୍କୁ ପାଲିଙ୍କିରେ ବସାଇ ବେଢା ପରିକ୍ରମା କରାନ୍ତି । ବେଢା ପ୍ରଦକ୍ଷିଣ ପରେ ଜୟ ବିଜୟ ଦ୍ୱାର ନିକଟରେ ବିଜେ ହୁଅନ୍ତି ଠାକୁର। ଏକାଦଶୀର ବିଶେଷ ପୂଜା ବନ୍ଦାପନା ଭୋଗ ଲାଗି ପରେ ଦକ୍ଷିଣ ଘରକୁ ପ୍ରଭୁ ଫେରିଯାଆନ୍ତି।

ପୁଣି ସନ୍ଧ୍ୟାରେ ପୁରୋହିତ ଅଧିବାସ କରି ଆଚାର୍ଯ୍ୟ ବ୍ରହ୍ମାବରଣ କରନ୍ତି। ହୋମଯଜ୍ଞ ପୂର୍ବକ ପ୍ରଭୁଙ୍କର କର୍ପୂର ଆଳତି ହୋଇ ଭୋଗ ଅର୍ପଣ ହୁଏ। ସମୁଦ୍ର ଘରେ ନିଦ୍ରା ଯାଇଥିବା ଶୟନ ପ୍ରତିମାଙ୍କ ନିକଟକୁ ଶିଡ଼ି ଚଢି ମୁଦିରସ୍ତ, ଖୁଣ୍ଟିଆ ଗରାବଡୁ, ତଡ଼ାଉ, ପାଳିଆ, ମେକାପ, କରଣ ସେବକ ପ୍ରମୁଖ ଯାଇଥାନ୍ତି। ସମୁଦ୍ର ଘରେ ବରୁଣଙ୍କୁ ନୈବେଦ୍ୟ ଅର୍ପଣ ହୁଏ । ଶୟନ ପେଡ଼ି ନିକଟରେ ସେବକ ପ୍ରମୁଖମାନେ ପହଞ୍ଚି ବିନମ୍ରତାର ସହ ଭଗବାନଙ୍କୁ ପ୍ରାର୍ଥନା କରନ୍ତି। ମୁଦିରସ୍ତ ଯନ୍ତ୍ର ସହ ପେଡ଼ି ଖୋଲିବା ସହ ଶୟନ ପ୍ରତିମାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ତା'ପରେ ମୁଦିରସ୍ତ ନିଃଶବ୍ଦରେ ଶୟନ ପ୍ରତିମାଙ୍କର ପାର୍ଶ୍ୱର ପରିବର୍ତ୍ତନ କରାନ୍ତି। ପୁଣି ନିଦ୍ରା ଦେବୀଙ୍କ କୋଳରେ ଶୋଇ ଯାଆନ୍ତି। ମହାପ୍ରଭୁ ସମୁଦ୍ର ଘର ମୁଦା ପଡ଼େ। ସେବକମାନେ ପ୍ରତ୍ୟାବର୍ତ୍ତନ କରନ୍ତି।

ପ୍ରତ୍ୟେକ ବଡ଼ ଏକାଦଶୀ ପରି ପାର୍ଶ୍ୱପରିବର୍ତ୍ତନ ଏକାଦଶୀରେ ମହାଦୀପ ମନ୍ଦିର ଶିଖରକୁ ଉଠିଥାଏ। ଭକ୍ତମାନେ ଉର୍ଦ୍ଧ୍ୱବାହୁ ହୋଇ ମଣିମା ମଣିମା ଡାକ ଦେଉଥାନ୍ତି । ବଡ଼ ଏକାଦଶୀରେ ମହାଦୀପ ଦର୍ଶନ କଲେ ମାନବ ଜୀବନ ଧନ୍ୟ ହେବା ସହ କୋଟି ପରମାର୍ଥ ଲାଭ ହୁଏ। ମାନବୀୟ ଲୀଳା ସଂପାଦନ କରୁଥିବା ଲୀଳାମୟ ଅନନ୍ତ ପୁରୁଷୋତ୍ତମ ନିଦ୍ରା ଯାଇଥିଲେ ବି ସିଏ ଚିର ବିନିଦ୍ର। ମହାବାହୁ ଆଖି ବୁଜିଲେ ସତରେ କ'ଣ ଏ ଧରା ରହିବ ? ଭକ୍ତ ମନ ବୁଝିବାକୁ ମାନବୀୟ ଲୀଳା କରୁଥିବା ଜଗତଠାକୁର ନିଦ୍ରିତ ନୟନରେ ଅପଲକ ଚାହାଣୀରେ ସାରା ବିଶ୍ୱକୁ ଧ୍ୟାନରେ ରଖିଥାନ୍ତି। ଧନ୍ୟ ସେ ମହାପ୍ରଭୁ, ଆଉ ଧନ୍ୟ ତାଙ୍କର ଲୀଳା ।

# ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ



ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ। ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି। ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ। ବଦଳୁଥିବା ପାଣିପାଗ ଏପରି ଜ୍ୱର ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି। ଏହି ଜ୍ୱରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦ ପଡୁ ନାହାନ୍ତି। ଏହା ଆଜିକାଲିରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛି। ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି। ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ ଡାକ୍ତରଙ୍କ ପରାମର୍ଶ ମୁତାବକ ନିର୍ଦ୍ଧାରିତ ସମୟରେ ଔଷଧ ଖାଆନ୍ତୁ ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ। ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି। ଏଥିରେ ଶିଶୁ ଓ ବୟସ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ। ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଳମ୍ବ ନ କରି ତୁରନ୍ତ ଉପଚାର ବ୍ୟବସ୍ଥା କରନ୍ତୁ। ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ। ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ। ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ । ଜ୍ୱରକୁ ଅବହେଳା କରନ୍ତୁ ନାହିଁ।



# ଅଧିକ ଲୁଣ ଖାଇଲେ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା



ଖାଦ୍ୟରେ କମ କିମ୍ବା ଅଧିକ ଲୁଣ ଥିଲେ, ତାହା ଖାଦ୍ୟର ସ୍ୱାଦକୁ ନଷ୍ଟ କରିଦିଏ। ଏଭଳି ପରିସ୍ଥିତିରେ ଭାରତୀୟ ଲୋକମାନେ ଲୁଣ ସହ କୌଣସି ବୁଝାମଣା କରନ୍ତି ନାହିଁ। ଭାରତରେ ଲୁଣ ବ୍ୟବହାର ଅଧିକ ହୋଇଥାଏ। ନିକଟରେ ନେଚର ପୋର୍ଟଫୋଲିଓରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତୀୟମାନେ ଦିନକୁ ୮ ଗ୍ରାମ ଲୁଣ ଖାଉଛନ୍ତି, କିନ୍ତୁ ଜଣେ ବ୍ୟକ୍ତିକୁ ୫ ଗ୍ରାମ ଲୁଣ ଖାଇବା ଉଚିତ ।

ଦୈନିକ ଲୁଣ ଗ୍ରହଣକୁ ଆକଳନ କରିବା ପାଇଁ ଏକ ବିଶ୍ୱସ୍ତରୀୟ ମାନକ ସୂତ୍ର ବ୍ୟବହୃତ ହୋଇଥିଲା। ଅଧ୍ୟୟନରେ କ'ଣ ପ୍ରକାଶ ପାଇଲା ଆସନ୍ତୁ ଜାଣିବା। ଅଧିକ ଲୁଣ ଖାଇବାର ବିପଦ :-ଜଣେ ବ୍ୟକ୍ତିକୁ ଦିନରେ ୫ ଗ୍ରାମ ଲୁଣ ଆବଶ୍ୟକ। ଯଦି ଲୁଣ ସଠିକ ପରିମାଣରେ ଖିଆଯାଏ, ତେବେ ଏହା ସ୍ନାୟୁ ଏବଂ ମାଂସପେଶୀକୁ ସଠିକ ଭାବରେ କାମ କରିବାରେ ସାହାଯ୍ୟ କରେ। ବାସ୍ତବରେ, ସୋଡିୟମ ଲୁଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ହୋଇପାରେ। ଏହା ବ୍ୟତୀତ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ ରହିଛି। ଆଜିକାଲି ବଜାରରେ କମ ସୋଡିୟମ ଲୁଣ ଉପଲବ୍ଧ। କିନ୍ତୁ ଏଥିରେ ଅଧିକ ପୋଟାସିୟମ ରହିଛି। ଏହା ଏକ ସୁସ୍ଥ ବ୍ୟକ୍ତି ପାଇଁ ଭଲ। କିନ୍ତୁ ମଧୁମେହ, ହୃଦ୍‌ରୋଗ ଏବଂ ବୃକକ୍ ରୋଗରେ ପୀଡିତ ଲୋକଙ୍କ ପାଇଁ ଏହା ବିପଜ୍ଜନକ ପ୍ରମାଣିତ ହୋଇପାରେ ।

ଅଧ୍ୟୟନରୁ କ'ଣ ହୋଇଛି ଖୁଲାସା :- ଅଧ୍ୟୟନ ଅନୁଯାୟୀ, ସମସ୍ତ ବୟସ୍କମାନେ ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି। ଯାହା ଦର୍ଶାଇଲା ଯେ ପୁରୁଷଙ୍କ ମଧ୍ୟରେ ଲୁଣ ଗ୍ରହଣ ଦିନକୁ ୮.୯ ଗ୍ରାମ ଥିବା ବେଳେ ମହିଳାଙ୍କର ୭.୯ ଗ୍ରାମ ଅଧିକ ଥିଲା। ଏହା ବ୍ୟତୀତ ବେରୋଜଗାରୀଙ୍କ ତୁଳନାରେ ଚାକିରିଆଙ୍କଠାରେ (୮.୬ ଗ୍ରାମ) ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି ।

# ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ ଲବଙ୍ଗ

ସ୍ୱାସ୍ଥ୍ୟ ପାଇଁ ବେଶ ଲାଭକାରୀ ଲବଙ୍ଗ। ପ୍ରତ୍ୟେକ ରୋଷେଇ ଘରେ ସହଜରେ ମିଳିଯାଇଥାଏ ଲବଙ୍ଗ। ଆୟୁର୍ବେଦରେ ମଧ୍ୟ ଲବଙ୍ଗର ବେଶ୍ ଗୁରୁତ୍ୱ ରହିଛି। ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବ। ଲବଙ୍ଗରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ ଏବଂ ସୋଡିୟମ ଏସିଡ ଭରପୂର ରହିଛି। ଲବଙ୍ଗ ଥଣ୍ଡା, ଉତ୍ତାପ ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ। ଲବଙ୍ଗ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯେଉଁକାରଣରୁ କୋଷ୍ଠକାଠିନ୍ୟ ପରି ହଜମ ପ୍ରକ୍ରିୟାକୁ ରୋକିଥାଏ। ପ୍ରତିଦିନ ୨ ଟି ଲବଙ୍ଗ ଖାଇବା ଆବଶ୍ୟକ। ଏହା ମଧୁମେହକୁ ନିୟନ୍ତ୍ରଣରେ ରଖେ। ସି ଏବଂ କିଛି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଶରୀରରେ ଶ୍ୱେତ ରକ୍ତ କଣିକା ବଢାଇଥାଏ ଏବଂ କୋଷଗୁଡ଼ିକ ଶରୀରର ରୋଗ ବିରୁଦ୍ଧରେ ଲଢିବା ପାଇଁ କାର୍ଯ୍ୟ କରନ୍ତି। ଲବଙ୍ଗ ଖାଇବା ଦ୍ୱାରା ହାଡର ଘନତା ବୃଦ୍ଧି ହୋଇଥାଏ । ଲବଙ୍ଗରେ କ୍ୟାଲସିୟମ, ଆଇରନ୍, ମ୍ୟାଗ୍ନେସିୟମ୍, ଫସଫରସ୍, ପୋଟାସିୟମ୍, ସୋଡିୟମ ଏବଂ ଜିଙ୍କ ପରି ଖଣିଜ ପଦାର୍ଥ ରହିଥାଏ। ଲବଙ୍ଗର ନିୟମିତ ବ୍ୟବହାର ଦ୍ୱାରା ଯୌନ ସମସ୍ୟାରୁ ମୁକ୍ତି ମିଳିଥାଏ। ଲବଙ୍ଗକୁ ନିୟମିତ ଖାଇବା ଦ୍ୱାରା ଷ୍ଟାମିନା ବୃଦ୍ଧି ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଲବଙ୍ଗ ଖାଇଲେ କୋଷ୍ଠକାଠିନ୍ୟ, ଝାଡ଼ା, ଅମ୍ଳତା ଇତ୍ୟାଦି ସମସ୍ୟାରୁ ମୁକ୍ତି ଦେଇଥାଏ। ଏଥିପାଇଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗ ଖାଆନ୍ତୁ ।





# ଆଗାମୀ କିଛି ବର୍ଷରେ ଭାରତର ହଜାର ହଜାର ଲୋକ ହୋଇଯିବେ ଅନ୍ଧ !

ମଣିଷ ଶରୀରର ଜରୁରି ଅଙ୍ଗ ମଧ୍ୟରେ ଆଖି ଅନ୍ୟତମ। ଯଦି ନେତ୍ରରୁ ଜ୍ୟୋତି ଚାଲିଯିବ ପରବର୍ତ୍ତି ଜୀବନର କଳ୍ପନା କରିବାକୁ ବି ଡର ଲାଗେ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଭାରତର ଲକ୍ଷଲକ୍ଷ ଲୋକଙ୍କ ଆଖି ଏବେ ସଂକଟରେ। ଦେଶରେ ଆଖିର ଜଟିଳରୁ ଜଟିଳ ରୋଗର ଚିକିତ୍ସା ପାଇଁ ହସ୍ପିଟାଲର ଦୀର୍ଘ ଶୃଙ୍ଖଳ ରହିଛି, ଏହା ସତ୍ତ୍ୱେ ଆଗାମୀ କିଛି ବର୍ଷରେ ଲକ୍ଷଲକ୍ଷ ଲୋକ ଅନ୍ଧ ହୋଇ ବୁଲିବେ। ଯଦି ପରିସ୍ଥିତି ଏପରି ରହିଲା ଦେଶରେ ଚିକିତ୍ସା ସୁବିଧା ଥାଇ ମଧ୍ୟ ଏହି ଲୋକେ ଆଉ ଆଖିର ଜ୍ୟୋତି ଫେରିପାଇବେନି । ଦେଶରେ ନେତ୍ର ରୋଗର ସବୁଠୁ ବଡ଼ ହସ୍ପିଟାଲ ଚେନ୍ ଏଲ.ଭି ପ୍ରସାଦ ଆଇ ଇନିଷ୍ଟିଚ୍ୟୁଟର ସଂସ୍ଥାପକ ଡା. ଗୁଲ୍ଲାପଲ୍ଲୀ ନାଗେଶ୍ୱର ରାଓ କହିଛନ୍ତି ଯେ ଭାରତରେ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟର ଗୁରୁତର ଅଭାବ ରହିଛି। ରୋଗୀଙ୍କ ସଂଖ୍ୟା ଓ ଟ୍ରାନ୍ସପ୍ଲାଣ୍ଟେସନର ସୁବିଧାରେ ଏହି ଖାଇ ଲଗାତାର ବଢିବାରେ ଲାଗିଛି। ଏଣୁ ଦେଶରେ ନେତ୍ର ଚିକିତ୍ସା ସୁବିଧା ଉପଲବ୍ଧ ଥାଇ ମଧ୍ୟ ଅନେକ ଲୋକ ଆଖିର ଜ୍ୟୋତି ଫେରି ପାଇ ପାରୁ ନାହାନ୍ତି। ଡା.ରାଓଙ୍କ ଅନୁସାରେ ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୧ ଲକ୍ଷ ଲୋକଙ୍କୁ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ପଡୁଛି। ହେଲେ ଦେଶର ହେଲଥ୍ କେୟାର କ୍ୟାପାସିଟିରେ ଏପର୍ଯ୍ୟନ୍ତ ମାତ୍ର ୩୦ ହଜାର ଟ୍ରାନ୍ସପ୍ଲାଣ୍ଟର ବ୍ୟବସ୍ଥା ହୋଇ ପାରୁଛି। ଏଣୁ ପ୍ରତି ବର୍ଷ ପ୍ରାୟ ୭୦ ହଜାର ଲୋକ ଚିକିତ୍ସା ସୁବିଧା ଥାଇ ମଧ୍ୟ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ କରି ନ ପାରି ଅନ୍ଧ ହୋଇ ରହୁଛନ୍ତି। ଅନେକ କାରଣରୁ ଲୋକେ ଦୃଷ୍ଟି ଶକ୍ତି ହରାନ୍ତି ତେବେ କେବଳ ଗୋଟିଏ କାରଣ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ ନ ହୋଇ ପାରିବା କାରଣରୁ ଅନ୍ଧତ୍ୱର ବଡ଼ କାରଣ ହୋଇ ଉଭା ହୋଇଛି। ଯାହା ଭାବିବାକୁ ବି ଏବେ ଡର ଲାଗୁଛି। ଡା. ରାଓ କହିଛନ୍ତି ଯେ କେନ୍ଦ୍ର, ରାଜ୍ୟ ସରକାରଙ୍କ ସମେତ ପ୍ରାଇଭେଟ ହେଲଥ କେୟାର ସିଷ୍ଟମକୁ ମଧ୍ୟ ଏ ବାବଦେ ଚିନ୍ତା କରିବାକୁ ହେବ। ୨୦୩୦ ମସିହା ସୁଧା ଦେଶରେ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ ସୁବିଧାକୁ ୩୦ ହଜାରରୁ ବଢାଇ ୬୦ ହଜାର କରିବାକୁ ପଡିବ। ସେହିପରି ଦେଶରେ ଅନ୍ତର୍ଜାତୀୟ ମାନକ ପୂରଣ କରୁଥିବା ୫୦ଟି ଆଇ ବ୍ୟାଙ୍କ ମଧ୍ୟ ଖୋଲିବାକୁ ପଡିବ। ଏହା ଛଡା ୫୦୦ ଅପଥେଲ୍ମିକ ସର୍ଜନଙ୍କୁ ବି ଏହି ସର୍ଜରୀ ପାଇଁ ପ୍ରଶିକ୍ଷିତ କରିବାକୁ ହେବ, ତେବେ ଯାଇ ଏହି ଲକ୍ଷ ହାସଲ ହୋଇ ପାରିବ। ଉଲ୍ଲେଖଯୋଗ୍ୟ ଯେ ଏଲ.ଭି ପ୍ରସାଦ ଆଇ ଇନିଷ୍ଟିଚ୍ୟୁଟ୍ ଅଗଷ୍ଟ ୨୦୨୪ରେ ୫୦ ହଜାର କର୍ଣ୍ଣିୟଲ ଟ୍ରାନ୍ସପ୍ଲାଣ୍ଟ ପୂରଣ କରି ଦେଶରେ ନୂଆ କିର୍ତ୍ତିମାନ ସ୍ଥାପନା କରିଛି। ଏଥିରେ ଇନିଷ୍ଟିଚ୍ୟୁଟ୍ ୫୦ ପ୍ରତିଶତ ଟ୍ରାନ୍ସପ୍ଲାଣ୍ଟ ସମ୍ପୂର୍ଣ୍ଣ ମାଗଣାରେ କରିଛି।

# ଏବେ ଆଗୁଆ ଜାଣିହେବ ମୃତ୍ୟୁ ତାରିଖ

ମଣିଷ କେବେ ଜନ୍ମ ନେବ କିମ୍ବା କେବେ ତା'ର ମୃତ୍ୟୁ ହେବ ତାହା କେହି କହିପାରନ୍ତିନି। କିନ୍ତୁ, ବର୍ତ୍ତମାନ ଏଆଇ ଯୁଗରେ ଭବିଷ୍ୟତ ଦେଖିବା ବି ସମ୍ଭବପର ହୋଇଛି । ଏହି ନୂଆ ଡିଭାଇସ୍ ସାହାଯ୍ୟରେ ଆପଣ ଜାଣିପାରିବେ ନିଜ ମୃତ୍ୟୁ ଦିନର ତାରିଖ ! ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି କି ? କିନ୍ତୁ, ଏହା ସମ୍ପୂର୍ଣ୍ଣ ସତ । ଏକ ରିସର୍ଚ୍ଚରେ ଅନୁସନ୍ଧାନକାରୀ ଟିମ୍ ବିକଶିତ କରିଛନ୍ତି ଏଆଇ-ସଞ୍ଚାଳିତ ମୃତ୍ୟୁହାର କାଲକୁଲେଟର । ୟୁକେର ଡାକ୍ତରଖାନାରେ ହେବ ଏହାର ଲାଇଭ୍ ଟେଷ୍ଟ । ଲାନସେଟ୍ ଡିଜିଟାଲ୍ ସ୍ୱାସ୍ଥ୍ୟରେ ପ୍ରକାଶ ପାଇଛି ଏହି ରିପୋର୍ଟ । ଏଣିକି ମୃତ୍ୟୁ ପୂର୍ବରୁ ଜାଣିପାରିବେ ନିଜ ମୃତ୍ୟୁ ତାରିଖ ! ରିସର୍ଚ୍ଚରେ ଅନୁସନ୍ଧାନକାରୀ ଟିମ୍ ବିକଶିତ କରିଛନ୍ତି ଏକ ଏଆଇ-ସଞ୍ଚାଳିତ ମୃତ୍ୟୁହାର କାଲକୁଲେଟର । ଆପଣ କେବେ ମରିବେ ଏବଂ ମୃତ୍ୟୁ ଆପଣଙ୍କର କେତେ ନିକଟତର, ଏହି କାଲକୁଲେଟର ଆପଣଙ୍କୁ କହିପାରିବ । ଲାନସେଟ୍ ଡିଜିଟାଲ୍ ସ୍ୱାସ୍ଥ୍ୟରେ ପ୍ରକାଶିତ ଏହି ଅଧ୍ୟୟନରେ ଦର୍ଶାଯାଇଛି ଯେ, ଏଆଇ ଚାଳିତ ଇଲେକ୍ଟ୍ରୋକାର୍ଡିଓଗ୍ରାମ (ECG) ଜଣେ ବ୍ୟକ୍ତିଙ୍କ ଭବିଷ୍ୟତର ସ୍ୱାସ୍ଥ୍ୟ ସମସ୍ୟା ଏବଂ ମୃତ୍ୟୁ ହେବାର ଆଶଙ୍କାର ପୂର୍ବାନୁମାନ କରିବାରେ ସାହାଯ୍ୟ କରିଥାଏ । କିନ୍ତୁ, ତାହାର ବ୍ୟବହାର ଏ ପର୍ଯ୍ୟନ୍ତ ଦୈନନ୍ଦିନ ଚିକିତ୍ସା ବ୍ୟବହୃତ ହୋଇନାହିଁ । ଲାନସେଟ୍ ଅନୁସନ୍ଧାନକାରୀମାନେ ଏଆଇ-ଇସିଜି ରିସ୍କ ଏଷ୍ଟିମେଟର୍ (AIRE) ନାମକ ଏକ ନୂତନ ଉପକରଣ ତିଆରି କରିଛନ୍ତି । ତେବେ ମୃତ୍ୟୁର ଭବିଷ୍ୟବାଣୀ କରିବା ବ୍ୟତୀତ ଏହା ଭବିଷ୍ୟତରେ ହେବାକୁ ଥିବା ହୃଦ୍‌ଘାତର ମଧ୍ୟ ପୂର୍ବାନୁମାନ କରିପାରିବ । ଯେଉଁମାନଙ୍କର ହୃଦ୍‌ସ୍ପନ୍ଦନ ହଠାତ୍ ବନ୍ଦ ହୋଇଯାଏ, ଏଭଳି ସ୍ଥିତିରେ ୮ରୁ ୧୦ଟି ସ୍ୱାସ୍ଥ୍ୟ ମାମଲାରେ ପ୍ରାରମ୍ଭିକ ମୃତ୍ୟୁ ହୋଇଥାଏ । ଅନୁସନ୍ଧାନକାରୀଙ୍କ କହିବାନୁସାରେ, ଏଆଇ-ଇସିଜି ରିସ୍କ ଏଷ୍ଟିମେଟର (AIRE) ପ୍ଲାଟଫର୍ମର ବିକାଶ କରି ହୃଦ୍ ସମସ୍ୟାର ପୂର୍ବ ସୂଚନା ଦେଇପାରିବେ । ବ୍ରିଟେନର ସ୍ୱାସ୍ଥ୍ୟ ଏଜେନ୍ସି ଜାତୀୟ ସ୍ୱାସ୍ଥ୍ୟ ସେବା ଅଧୀନରେ ଥିବା ଦୁଇଟି ଡାକ୍ତରଖାନା ୨୦୨୫ରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜିର ପରୀକ୍ଷା କରିବାକୁ ଯାଉଛି । ଏହା ପାଞ୍ଚ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବାରେ ବ୍ୟବହୃତ ହେବ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି ।

## ବର୍ଡର ଗାଭାସ୍କର ଟ୍ରଫି ପୂର୍ବରୁ ସନ୍ୟାସ ନେଲେ ଅଷ୍ଟ୍ରେଲିଆ କିମ୍ବଦନ୍ତୀ ମାଥ୍ୟୁ ୱେଡ୍

**ନୂଆଦିଲ୍ଲୀ**



ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ ଟେଷ୍ଟ ମ୍ୟାଚ୍‌ର ବର୍ଡର ଗାଭାସ୍କର ୨୦୨୪-୨୫ ଟ୍ରଫି ଖେଳାଯିବ। ଅଷ୍ଟ୍ରେଲିଆ ମାଟିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଅଷ୍ଟ୍ରେଲିଆର ତାରକା ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ମାଥ୍ୟୁ ୱେଡ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୱେଡ ଗତ ତିନି ବର୍ଷ ଧରି ଅଷ୍ଟ୍ରେଲିଆର ଟେଷ୍ଟ ଏବଂ ଦିନିକିଆ ଦଳରେ ସ୍ଥାନ ପାଇନଥିଲେ। ସେ ଶେଷ ଥର ପାଇଁ ୨୦୨୧ରେ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ ଏବଂ ଦିନିକିଆ ଖେଳିଥିଲେ।

ୱେଡ୍ ମଧ୍ୟ ଟି-୨୦ ବିଶ୍ୱକପ ୨୦୨୪ରେ ଅଷ୍ଟ୍ରେଲିଆ ଦଳର ଏକ ଅଂଶ ଥିଲେ। ସେ ଭାରତ ବିପକ୍ଷ ଟି-୨୦ ବିଶ୍ୱକପରେ ଶେଷ ମ୍ୟାଚ୍ ଖେଳିଥିଲେ, ଯାହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ବୋଲି ପ୍ରମାଣିତ ହୋଇଥିଲା।

## ତୃତୀୟ ଟେଷ୍ଟ ପାଇଁ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ମିଳିଲା ଡାକରା

**ମୁମ୍ବାଇ**

ନ୍ୟୁଜିଲାଣ୍ଡ ଠାରୁ ଘରୋଇ ଟେଷ୍ଟ ଶୃଙ୍ଖଳା ହାରି ସାରିଥିବା ଭାରତୀୟ ଟିମ୍ ଆସନ୍ତ ୧ ତାରିଖରୁ ସମ୍ମାନ ରଖିବା ପାଇଁ ମୁମ୍ବାଇରେ ଶେଷ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ବଡ଼ ତଥା ଅପ୍ରତ୍ୟାଶିତ ନିଷ୍ପତ୍ତି ନେଇଛି।

ତୃତୀୟ ଟେଷ୍ଟ ପୂର୍ବରୁ ହଠାତ୍ ରଣଜୀ ଟ୍ରଫିରେ କମାଲ କରିଥିବା ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଭାରତୀୟ ଟେଷ୍ଟ ଟିମ୍‌ରେ ସାମିଲ କରାଯାଇଛି। ମଙ୍ଗଳବାର ତାଙ୍କୁ ଡାକରା ମିଳିଥିବା ବେଳେ ସେ ମଧ୍ୟ ଖୁବ୍‌ଶୀଘ୍ର ମୁମ୍ବାଇରେ ପହଞ୍ଚିବେ।

ଦିଲ୍ଲୀର ଏହି ୨୨ ବର୍ଷୀୟ ଦ୍ରୁତ ବୋଲର ଘରୋଇ କ୍ରିକେଟରେ ଉଭୟ ବଲ ଓ ବ୍ୟାଟ୍‌ରେ ନିଜର ଦକ୍ଷତା ଦେଖାଇ ଚାଲିଛନ୍ତି। ତେଣୁ ତାଙ୍କୁ



ଭାରତୀୟ ସ୍କ୍ୱାଡ୍‌ରେ ସାମିଲ କରାଯାଇଛି। ସେହିପରି ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଟେଷ୍ଟରେ ମଧ୍ୟ ସେ ଡେବ୍ୟୁ କରିବେ ବୋଲି ଜଣାପଡ଼ିଛି। ଏହାର ଅର୍ଥ ସେ ଦିଲ୍ଲୀ ପାଇଁ ରଣଜୀ ଟ୍ରଫିର ରାଉଣ୍ଡ ୪ ମ୍ୟାଚ୍‌ରେ ନଜର ଆସିବେ ନାହିଁ। ମଙ୍ଗଳବାର ସନ୍ଧ୍ୟାରେ ସେ ମୁମ୍ବାଇ ଅଭିମୁଖେ କରିଛନ୍ତି। ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଖେଳା ଯିବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଘୋଷଣା ହୋଇଥିବା ୧୮ ଜଣିଆ ଟେଷ୍ଟ ସ୍କ୍ୱାଡ୍‌ରେ ହର୍ଷିତ ରାଣାଙ୍କ ନାଁ ରହିଥିଲା। ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ତାଙ୍କର ଅସଲ ଟେଷ୍ଟ ମୁମ୍ବାଇରେ ଶୁକ୍ରବାର ଠାରୁ ହେବ।

ରଣଜୀ ଟ୍ରଫିରେ ଦିଲ୍ଲୀର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ରାଣା କମାଲ କରିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ସେ ୫ଟି ୱିକେଟ ନେବା ସହ ବ୍ୟାଟିଂରେ ୫୯ ରନର ଇନିଂସ ଖେଳିଥିଲେ। ତାଙ୍କର ଦମ୍‌ଦାର ପ୍ରଦର୍ଶନ ଯୋଗୁ ଦିଲ୍ଲୀ ୧୦ ୱିକେଟରେ ମ୍ୟାଚ୍ ଜିତିବା ସହ ବୋନସ୍ ପଏଣ୍ଟ ମଧ୍ୟ ହାସଲ କରିଥିଲା। ଏହି ପ୍ରଦର୍ଶନ ଯୋଗୁ ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଟେଷ୍ଟରେ ସାମିଲ କରାଯାଇଛି।

ମୁମ୍ବାଇରେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ବିଶ୍ରାମ ଦେଇପାରେ। ତେଣୁ ତାଙ୍କ ସ୍ଥାନରେ ହର୍ଷିତ ରାଣା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ବୋଲି କୁହାଯାଉଛି।

## କୋରାପୁଟ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଖେଳକୁଦ ଓ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଭିତ୍ତିକ ପ୍ରତିଯୋଗିତାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାରାୟଣି ଇଁରାଜୀ ମିଡିୟମ ସ୍କୁଲର ଚେୟାରମ୍ୟାନ ନାରାୟଣି ପଟ୍ଟନାୟକ, ଜିଲା ଶିକ୍ଷାଧିକାରି ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରି ଭୀମ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାର ୧୪ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୯୩ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଶାରୀରିକ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ, ତାପସ ମହାନ୍ତି, ଅନିଲ ପତି, ରଘୁ ବେହେରା, ଗଗନ ଦାସ, ଦିବାକର ସାହୁ, ନରେଶ ଷଡ଼ଙ୍ଗୀ ଓ ବାସୁଦେବ ସେନାପତି ସହ ଯୋଗ କରିଥି ବେଳେ ବରିଷ୍ଠ ଶିକ୍ଷକ ବିଶ୍ୱ ଗୌଡ ଧନ୍ୟବାଦ ଅର୍ପଣ କରିଥିଲ।

## ଆଇପିଏଲ-୨୦୨୫ : ରିଟେନଶନ ମଧ୍ୟରେ ସାମ୍ନାକୁ ଆସିଲା ମେଗା ଅକ୍ସନର ତାରିଖ

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସମସ୍ତେ ଅକ୍ଟୋବର ୩୧କୁ ଅପେକ୍ଷା କରିଛନ୍ତି, ଯେତେବେଳେ ଫ୍ରାଞ୍ଚାଇଜ ନିଜ ନିଜ ରଖାଯାଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ କରିବେ। ବିଶ୍ୱାସ କରାଯାଏ ଯେ ଏଥର ମେଗା ନିଲାମରେ ଅନେକ ବଡ଼ ନାମ ଦେଖିବାକୁ ମିଳିପାରେ। ତେବେ, ଏହି ସମୟରେ, ଆଇପିଏଲ-୨୦୨୫ ମେଗା ନିଲାମର ତାରିଖ ଏବଂ ସ୍ଥାନ ବିଷୟରେ ଏକ ବଡ଼ ଅପଡ଼େଟ୍ ଆସିଛି।

ପ୍ରାୟ ପ୍ରତ୍ୟେକ ଦିନ ଆଇପିଏଲ ୨୦୨୫ ମେଗା ନିଲାମ ବିଷୟରେ କିଛି ଅପଡ଼େଟ୍ ଆସୁଛି। ବର୍ତ୍ତମାନ ସର୍ବଶେଷ ସୂଚନା ଅନୁଯାୟୀ ୨୪ ଏବଂ ୨୫ ନଭେମ୍ବରରେ ମେଗା



ନିଲାମ ହେବାର ସମ୍ଭାବନା ଅଛି। ଏହି ତାରିଖରେ ଯଦି ମେଗା ନିଲାମ ଅନୁଷ୍ଠିତ ହୁଏ, ତେବେ ଏହା ୨୨ରୁ ୨୬ ନଭେମ୍ବର ମଧ୍ୟରେ ପର୍ଥରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ସହିତ ସଂଘର୍ଷ ହୋଇପାରେ।

ତେବେ ନିଲାମର ଟେଲିକାଷ୍ଟ ଏବଂ ଟେଷ୍ଟ ମ୍ୟାଚ ମଧ୍ୟରେ କୌଣସି ବିବାଦ ନହେବାକୁ ଭାରତୀୟ କ୍ରିକେଟ ବୋର୍ଡ ଧ୍ୟାନ ଦେଉଛି, କାରଣ ଆଇପିଏଲର ଅଫିସିଆଲ ପ୍ରସାରଣକାରୀ ଡିସ୍ନି ଷ୍ଟାର ମଧ୍ୟ ଏହି ଟେଷ୍ଟ ମ୍ୟାଚ ଟେଲିକାଷ୍ଟ କରିବ।

ପ୍ରଶଂସକଙ୍କ ମନରେ ଆସୁଥିବା ପ୍ରଶ୍ନ ହେଉଛି ସାଉଦି ଆରବକୁ ଆଇପିଏଲ ୨୦୨୫ ମେଗା ନିଲାମର ସ୍ଥାନ ଭାବରେ କାହିଁକି ମନୋନୀତ କରାଗଲା? ସୂଚନାଯୋଗ୍ୟ, ପ୍ରସଙ୍ଗଟି ହେଉଛି ଯେ ମେଗା ନିଲାମର ସ୍ଥାନ ଭାବରେ ସୌଦି ଆରବକୁ ବାଛିବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ଏହାର ଲଜିଷ୍ଟିକ ସୁବିଧା ଏବଂ ଆଇପିଏଲ ବିସ୍ତାର ପାଇଁ ନୂତନ କ୍ଷେତ୍ରରେ ପହିବାର ରଣନୀତିକ ଚିନ୍ତାଧାରା। ସୂଚନାଯୋଗ୍ୟ, ଶେଷ ନିଲାମ ୟୁଏଇ ଦୁବାଇର କୋକାକୋଲା ଏରିନାରେ ଅନୁଷ୍ଠିତ ହୋଇଥିଲା।

ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ, ସମସ୍ତ ୧୦ଟି ଦଳ ଅକ୍ଟୋବର ୩୧ରେ ଅପରାହ୍ନ ୫ଟାରେ ସେମାନଙ୍କ ରଖାଯାଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ କରିବେ। ଫ୍ରାଞ୍ଚାଇଜ ସୋସିଆଲ ମିଡିଆରେ ମଧ୍ୟ ଅପଡେଟ କରେ ଯାହା କେଉଁ ଖେଳାଳିଙ୍କୁ ସେମାନେ ରଖୁଛନ୍ତି। ସେହି ସମୟରେ, ଆପଣ ଏହାର ଲାଇଭ ଷ୍ଟ୍ରିମିଂକୁ ଜିଓ ସିନେମା ଆପରେ ଲାଇଭ୍ ଦେଖିପାରିବେ।

## ତୃତୀୟ ଭାରତୀୟ ରେସଲର ଭାବରେ ୟୁ-୨୩ ବିଶ୍ୱ ଚାମ୍ପିୟନ୍ ହେଲେ ଚିରାଗ ଚିକାରା



**ନୂଆଦିଲ୍ଲୀ**

ଯୁବ ଭାରତୀୟ ରେସଲର ଚିରାଗ ଚିକାରା ଚମ୍ପିୟନ୍ ହୋଇଛନ୍ତି। ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି ଚରାଗ ଚିକାରା। ତୃତୀୟ ଭାରତୀୟ ରେସଲର ଭାବରେ ସେ ଏହି ରେକର୍ଡ ନିଜ ନାଁରେ କରିଛନ୍ତି। ଆଲବାନିଆରେ ଆୟୋଜିତ ପ୍ରତିଯୋଗୀତାରେ ଚିକାରା ବିଶ୍ୱ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ୫୭ କେଜି ରେସଲିଂ ବର୍ଗରେ ଫାଇନାଲରେ କର୍ଗିସ୍ତାନର ଆବଦିମଲିକ କାରାକୋଭଙ୍କୁ ୪-୩ରେ ପରାସ୍ତ କରିଛନ୍ତି ଚିରାଗ।

ଏହି ବୟସ ବର୍ଗର ଚାମ୍ପିୟନସିପ୍‌ରେ ଦ୍ୱିତୀୟ ଭାରତୀୟ ପୁରୁଷ ରେସଲର ଏବଂ ମୋଟାମୋଟି ଭାବେ ତୃତୀୟ ଭାରତୀୟ କୁସ୍ତି ଯୋଦ୍ଧା ଚିରାଗ ଚିକାରା ଇତିହାସ ରଚିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଅମନ ଶେରାୱତ ପ୍ରଥମ ଭାରତୀୟ ରେସଲର ଭାବରେ ୟୁ-୨୩ ଟାଇଟଲ୍ ହାସଲ କରିଥିଲେ। ସେ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗୌରାବାନ୍ୱିତ କରିଥିଲେ। ସେପଟେ ଏହି ଟୁର୍ଣ୍ଣାମେଣ୍ଟରେ ଭାରତକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ମିଳିଛି। ସେହିଭଳି ୮୨ ପଏଣ୍ଟ ସହ ଭାରତ ଚତୁର୍ଥ ଟିମ୍‌ରେ ଭାବେ ତାଲିକାରେ ରହିଛି। ଇରାନ୍ (୧୫୮), ଜାପାନ (୧୦୨) ଏବଂ ଆଜରବେଜାନ (୧୦୦) ଶୀର୍ଷ ୩ ଦଳରେ ସାମିଲ ହୋଇଛନ୍ତି।

## ବାଲିଯୋଡ଼ା ୟୁ.ପି.ସ୍କୁଲର ଛାତ୍ରୀ ରାନୀ ମାରାଣ୍ଡି ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ତୃତୀୟ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସମ୍ବଲପୁର ଜିଲ୍ଲାସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗର ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଗୁଡ଼ିଆଲବନ୍ଧ କ୍ଲଷ୍ଟର ସ୍ଥିତ ବାଲିଯୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ରାନୀ ମାରାଣ୍ଡି ୫୦ ମିଟର ବେକ୍ ଷ୍ଟ୍ରୋକ୍ ସନ୍ତରଣ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶମ୍ଭୁନାଥ ରାଉତ, ଶିକ୍ଷୟିତ୍ରୀ ହେମାଙ୍ଗିନୀ ଦାସଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରଞ୍ଜିତ ନାଏକ, ସିଆରସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ରାନୀ ମାରାଣ୍ଡିଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

## ଭାରତ ପାଇଁ ଗୌରବ ଆଣିବାକୁ କସରତ : ସାଇକ୍ଲିଂ ଚାମ୍ପିଅନସିପ୍‌ରେ କମାଲ କଲେ ପ୍ରତିଯୋଗୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଅଲିମ୍ପିକର ଅନ୍ୟତମ ଲୋକପ୍ରିୟ ଇଭେଣ୍ଟ ହେଉଛି ସାଇକେଲ ଚାଳନା ପ୍ରତିଯୋଗିତା। କଟକର ରାଜରାସ୍ତାରେ ଛୁଟିଛି ଭଳିକି ଭଳି ରେସିଂ ସାଇକେଲ। ଅବସର ହେଉଛି ରାଜ୍ୟ ସାଇକ୍ଲିଂ ଚାମ୍ପିଅନସିପ୍। ରାଜ୍ୟର ୧୬ଟି ଜିଲ୍ଲାରୁ ଉଭୟ ବାଳକ ଓ ବାଳିକା ବର୍ଗରେ ୧୬୭ଜଣ ପ୍ରତିଯୋଗୀ ଏହି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। ତେବେ ସାଇକେଲ ଚାଳନା ପ୍ରତିଯୋଗିତା ପାଇଁ ରାଜ୍ୟରେ ସେଭଳି ଭିତ୍ତିଭୂମି ସବୁ ଜାଗାରେ ନାହିଁ। ତଥାପି ପ୍ରତିଯୋଗୀମାନେ ସାଧାରଣ ରାସ୍ତାରେ ଅଭ୍ୟାସ କରି ପ୍ରତିବର୍ଷ ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି। ସାଇକେଲ ଚାଳନା ପ୍ରତିଯୋଗିତାରେ ଓଡ଼ିଶା ଲଗାତର ଭଲ ପ୍ରଦର୍ଶନ କରିବା ଯୋଗୁଁ ଧୀରେ ଧୀରେ ଏହି ଖେଳ ପ୍ରତି ଯୁବକ ଯୁବତୀମାନଙ୍କ ଆଗ୍ରହ ବଢ଼ିଲାଣି। ରାଜ୍ୟରୁ ପ୍ରତିଭାବାନ ସାଇକେଲ ଚାଳକ ବାହାରୁଥିବାରୁ ସରକାର ଗୋଠପାଟଣା ନିକଟରେ ଅନ୍ତର୍ଜାତୀୟ ସ୍ତରର ସାଇକେଲ ଟ୍ରାକ୍ ମଧ୍ୟ ପ୍ରତିଷ୍ଠା



କରିଛନ୍ତି। ଆଉ ଟିକିଏ ପ୍ରୋତ୍ସାହନ ମିଳିଲେ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଭିତ୍ତିଭୂମି ତିଆରି ହେଲେ ଆମ ରାଜ୍ୟର ପିଲାମାନେ ସାଇକେଲ ଚାଳନା ପ୍ରତିଯୋଗିତାରେ ଭାରତ ପାଇଁ ଗୌରବ ଆଣି ପାରିବେ ବୋଲି ଆଶା ରଖିଛନ୍ତି ପ୍ରତିଯୋଗୀମାନେ। କଟକରେ ଆୟୋଜିତ ରାଜ୍ୟ ସାଇକେଲ ଚାଳନା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଜାତୀୟ ଚାମ୍ପିଅନସିପ୍‌ରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିବେ। ଆସନ୍ତା ଡିସେମ୍ବର ୪ରୁ ୮ତାରିଖ ପର୍ଯ୍ୟନ୍ତ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ପୁରୀରେ ଆୟୋଜିତ ହେବ।

## ପଡ଼ିଆରେ ଫୁଟ୍‌ବଲ୍ ଖେଳିଲା ଦନ୍ତାହାତୀ

**ଚମ୍ପୁଆ**

ହିନ୍ଦୀ ଚଳଚ୍ଚିତ୍ର 'ମେ ଓର ମେରା ହାତୀ' ଦେଖିଥିବେ। ସେଥିରେ ହାତୀ କୌତୁହଳ କ୍ରୀଡ଼ା ଦେଖାଉଛି। ଆଉ ମଜା ମଜଲିସ୍ କରିବା ସହିତ ପିଲାଙ୍କ ସାଙ୍ଗରେ ଫୁଟ୍‌ବଲ୍ ଖେଳୁଥିବା ଦେଖିବାକୁ ପାଇଥିବେ। ଠିକ୍ ସେମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝରର ବର୍ଦ୍ଧନା ଜଙ୍ଗଲରେ। ଗୋଟିଏ ବଣୁଆ ଦନ୍ତାହାତୀ ପଡ଼ିଆରେ ପିଲାଙ୍କଠାରୁ ଫୁଟ୍‌ବଲ ନେଇ କିକ୍ ମାରିଥିଲା। ପ୍ରାୟ ୪୦ ମିନିଟ୍ ଧରି ହାତୀ ପଡ଼ିଆର ଏ ମୁଣ୍ଡରୁ ସେ ମୁଣ୍ଡକୁ ବଲ୍ ଗଡ଼ାଇ ଥିଲା। ଆଉ ଦେଖଣାହାରି ସାଜିଥିଲେ ପିଲା।

ଚମ୍ପୁଆ ରେଞ୍ଜ ବର୍ଦ୍ଧନା ଜଙ୍ଗଲ। ସେହି ଜଙ୍ଗଲରେ ଏବେ ଅଛନ୍ତି ୩୨ ଟିକିଆ ହାତୀ ପଲ। ଦୁଇ ତଳେ ଅପରାହ୍ନ ପ୍ରାୟ ୩ଟା ବେଳେ ଜଙ୍ଗଲ ପାର୍ଶ୍ୱ ପଡ଼ିଆରେ କିଛି ପିଲା



ଫୁଟ୍‌ବଲ ଖେଳୁଥିଲେ। ଠିକ୍ ସେହି ସମୟରେ ଜଙ୍ଗଲରେ ଥିବା ଗୋଟିଏ ଦନ୍ତା ପଡ଼ିଆ ଭିତରକୁ ଆସିଥିଲା। ହାତୀକୁ ଦେଖି ପିଲାମାନେ ଭୟଭୀତ ହୋଇଯାଇଥିଲେ। ଫୁଟ୍‌ବଲ୍‌କୁ ଛାଡ଼ି ପଡ଼ିଆର ଗୋଟିଏ ପାର୍ଶ୍ୱକୁ ପଳାଇ ଆସିଥିଲା।

ହାତୀଟି ଶାନ୍ତସିଷ୍ଟ ଖେଳାଳିଟିଏ ପରି ଫୁଟ୍‌ବଲ ପାଖକୁ ଆସିଥିଲା। ପ୍ରଥମେ ବଲ୍‌କୁ ଶୁଣ୍ଢରେ ଗଡ଼ାଇ ଥିଲା। କିଛି ବାଟ ସେମିତି ନେବା ପରେ ଗୋଡ଼ରେ ମାରିଥିଲା କିକ୍। ତା'ପରେ ଛୋଟ ପିଲାଟିଏ ପରି ଶୁଣ୍ଢ ହଲାଇ ହଲାଇ ପଡ଼ିଆର ଏ ମୁଣ୍ଡରୁ ସେ ମୁଣ୍ଡକୁ ଦୌଡ଼ିଥିଲା। ସେଠାରେ ପୁଣି ଥରେ ବଲ୍‌କୁ କିକ୍ ମାରିଥିଲା। ଆଉ ମଝିରେ ମଝିରେ ପିଲାମାନଙ୍କୁ ଅନାଉଥିଲା। ତା' ଇସାରା ବୋଧହୁଏ ଖେଳିବା ପାଇଁ ନିମନ୍ତ୍ରଣ ହୋଇପାରେ। ହେଲେ ସୁରକ୍ଷା ଦୃଷ୍ଟିରୁ ପିଲାମାନେ ତା' ସହିତ ଖେଳିବାକୁ ପଡ଼ିଆ ମଝିକୁ ଆସିନଥିଲେ। ପ୍ରାୟ ୪୦ ମିନିଟ୍ ଧରି ପଡ଼ିଆରେ ଖେଳିଥିଲା ହାତୀ। ସଞ୍ଜ ନଇଁବା ପୂର୍ବରୁ ବଲ୍‌କୁ ପିଲାମାନଙ୍କ ଆଡ଼କୁ କିକ୍ ମାରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା ଦନ୍ତା ହାତୀ।

ଦନ୍ତା ହାତୀର ସେ ଦୃଶ୍ୟ ସତେ ଯେମିତି ତାଜା କରିଛି 'ମେ ଓର ମେରା ହାତୀ' ହିନ୍ଦୀ ଚଳଚ୍ଚିତ୍ରକୁ। ସେହି ଫିଲ୍ମରେ ସୁପରଷ୍ଟାର ମିଥୁନ୍ ଚକ୍ରବର୍ତ୍ତୀଙ୍କ ସାଥୀ ବନିଥିଲା ହାତୀ। ହାତୀଟି ତାଙ୍କ ସାଙ୍ଗରେ ଘରେ ରହୁଥିଲା। ତାଙ୍କ ପିଲାଙ୍କ ସହିତ ଫୁଟ୍‌ବଲ୍ ଖେଳୁଥିଲା ଓ ଶୁଣ୍ଢ ହଲାଇ ନାଚୁଥିଲା। ଯାହା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ୧୯୮୧ ମସିହାରେ ରିଲିଜ୍ ହୋଇଥିବା ସେହି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଆଉ ଏ ଦୃଶ୍ୟ ତାଜା କରିଛି ସେହି ଫିଲ୍ମକୁ।

## ଭାରତ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡକୁ ବଡ଼ ଝଟ୍‌କା

**ନୂଆଦିଲ୍ଲୀ**

ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଭେଟେରାନ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନଙ୍କ ରୂପରେ ଏକ ବଡ଼ ଝଟ୍‌କା ପାଇଛି। ଫଳରେ ପ୍ରଥମ ଏବଂ ଦ୍ୱିତୀୟ ଟେଷ୍ଟ ପରି ୱିଲିୟମସନ ମଧ୍ୟ ତୃତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡର ଅଂଶ ହୋଇପାରିବେ ନାହିଁ। ୱିଲିୟମ୍‌ସନ ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ନଭେମ୍ବର ୧ରୁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ ସୂଚନା ଦେଇ କୁହାଯାଇଛି ଯେ, ମୁମ୍ବାଇରେ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ୱିଲିୟମ୍‌ସନ ଅଂଶଗ୍ରହଣ କରିବେ ନାହିଁ। ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ହରାଇବା ପରେ ୱିଲିୟମସନ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ୨୮ ନଭେମ୍ବରରୁ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ସତର୍କତା ଅବଲମ୍ବନ କରି ମୁମ୍ବାଇ ଟେଷ୍ଟରେ ୱିଲିୟମ୍‌ସନ ନ ଖେଳିବାକୁ ନିଷ୍ପତ୍ତି ନିଆଯାଇଛି। ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ ଗ୍ୟାରି ଷ୍ଟିଡ୍ କହିଛନ୍ତି, ୱିଲିୟମସନ ଭଲ ଅଗ୍ରଗତି କରିଛନ୍ତି, କିନ୍ତୁ ଏକ ସତର୍କତା ଅବଲମ୍ବନ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ସମ୍ପୂର୍ଣ୍ଣ ଫିଟ୍ ହେବାକୁ ସମୟ ଦେବ।

ଗ୍ୟାରି ଷ୍ଟେଡ୍ କହିଛନ୍ତି, କେନ୍ ଭଲ ସଙ୍କେତ ଦେଖାଇବା ଜାରି ରଖିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଆମ ସହ ଯୋଗଦେବାକୁ ପ୍ରସ୍ତୁତ ନୁହନ୍ତି। ଇଂଲଣ୍ଡ ସିରିଜ୍‌ରେ ଆଉ ଏକ ମାସ ବାକି ଅଛି, ତେଣୁ ଏକ ସତର୍କତା ଅବଲମ୍ବନ କରିବା ଏହା ସ୍ପଷ୍ଟ କରିବ ଯେ ଆମେ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ପ୍ରସ୍ତୁତ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
O-494
e-PROCUREMENT NOTICE NO. Tender Online 03 JJPT of 2024-25
1. Name of work : Building Works.
2. Total No of Work : 18 No. Buildings Work.
3. Estimated Cost (Approx.) : Rs. 16.60 to 40.25 Lakhs
4. Period of Completion : 6 to 9 Months
5. Class of contractors : D, C & B Class
Other details as follows:
a) Procurement officer Rural Works Division, Jajpur : Executive Engineer,
b) Availability of tender online & submission of bid :04.11.2024 at 10.00 AM to 18.11.2024 upto 5.00 PM
c) Last date & time of seeking of tender clarification : 17.11.2024 up to 5.00 PM
d) Opening of Technical Bid : 19.11.2024 at 11.30 A.M.
Further details can be seen from the Govt. website www.tendersodisha.gov.in
Sd/- Executive Engineer
Rural Works Division, Jajpur
OIPR-25047/11/0004/2425

GOVERNMENT OF ODISHA
DEPARTMENT OF WATER RESOURCES
A-494
Office of the Superintending Engineer, Mechanical Division. Cuttack.
Email Address semechanicalcuttack@gmail.com
e-Procurement Notice- Bid Identification No.- SE/MDC-15/2024-25 dt. 28.10.2024
1. Name of the Work : Mechanical Gate Works
2. No. of Works : 04 (Four)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SE/MDC-15/2024-25 dt. 28.10.2024
5. Estimated Cost : Rs. 6,40,241.00 to Rs. 7,48,634.00
6. Period of Completion : 02 (Two) ca'endar month.
7. Date & time of availability of bid documents in the Portal : From dt.02.11.2024 (11.00 AM) to dt.09.11.2024 (5.00 PM)
8. Last date/ time for receipt of bid In the Portal : Did 10.11.2024 (up to 5.00 PM)
9. Date and Place of opening of online bids : dt.11.11.2024 (11.00 AM onwards in the O/o the undersigned)
10. Name of the Officer inviting bid : Superintending Engineer Mechanical Division, Cuttack
Further details can be seen from the e-procurement portal https://tendersodisha.gov.in
Sd/- Superintending Engineer
Mechanical Division, Cuttack
OIPR-32533/11/0004/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, CUTTACK
E-Mail I.D. – rw_cuttack@yahoo.co.in
Ph.No.0671-2440662/
Fax No.0671-2440653
O-529
1st Corrigendum to Tender Call Notice No. Tender-Online-RWD Ctc-06/2024-25 dt.09.10.2024
The following road works mentioned at Sl.No.3, 7, 10, 25, 44, 57 & 69 in the annexure of Tender Call Notice No. Tender Online RWD Ctc-06/2024-25 dt.09.10.2024 are hereby cancelled as the road works have been approved under other scheme for improvement.
1. S/R to L031-Balipada to Dihigop Road for the year 2024-25(Sl.No.3)
2. S/R to C.C. Road to Attoda for the year 2024-25 (Sl.No.7)
3. S/R to NH.5 to Champapur Anandabazar road via Gobindpur road for the year 2024-25 (Sl.No.10)
4. S/R to Madhab – Pahanga Road for the year 2024-25 (Sl.No.25)
5. S/R to Nuratanga Dharmagatpur Road for the year 2024-25 (Sl.No.44)
6. S/R to Baratha to Kuanpal Road for the year 2024-25 (Sl.No.57)
7. S/R to Mahisalanda to Machhapangi Road for the year 2024-25 (Sl.No.69)
Sd/- Superintending Engineer
Rural Works Division, Cuttack
OIPR-25053/11/0010/2425

OFFICE OF THE PANCHAYAT SAMITI, BONTH
i-264
At/PO- Bonth, Dist- Bhadrak, PIN- 756114
E-mail id- ori-bonth"nic.in
Letter no.339 / Date. 28.10.2024
Re-Tender for Construction of Additional Classroom of Elementary & Secondary School
1. Name of the Work :- Const, of Additional Classroom of Elementary & Secondary School
2. Total No. of Work :- 01 no.
3. Approximate Estimated Cost :- As per DTCN
4. Class Contractor :- 'C'& 'D'
5. Period of Completion :- Six Calendar Months
6. Other Details :- The Details are as follows

| SI NO. | Bid Identification No. | Available Tender On-line for bidding | | Last date for receipt of Bids | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | PSB-01/2024-25 | 02.11.2024 10 AM | 14.11.2024 1 PM | 14.11.2024 1 PM | 14.11.2024 3.00 PM |

7. Further details can be seen from the website portal http://bhadrak.odisha.gov.in
8. Any other changes/ Comgendum/Addendum may be seen only in http://bhadrak.odisha.gov.in
OIPR-19150/11/0002/2425
Sd/- Block Development Officer, Bonth

OFFICE OF THE NOTIFIED AREA COUNCIL,KHARIAR ROAD
Executive Officer-9937130262
At/Po- Khariar Road, Dist. Nuapada-766104
C-865
Letter No. 2683 Dt.: 28.10.2024
QUOTATION CALL NOTICE
Sealed Quotations are invited from Interested Supplicrs/Distributors/ Dealers for supply of High Lumenous LED Lights as per the specification given below for installation in different streets under NAC, Khariar Road as per the terms and condition given below..
The evaluation forms and format of quotation in all respect is to be submitted in sealed cover superscripted as "Quotation for supply of High Lumenous LED Light' addressed to the Executive Officer, NAC, Khariar Road, At/P.O.-Khariar Road Dist:-Nuapada should reach by Regd. Post/Speed Post on or before Dt.05/11/2024 by 4 P.M. and shall be opened on the Dt. 05/11/2024 5 P.M.
The undersigned reserves the rights to acccpt/modify/reject any or all quotation(s) fully or partly without assigning any reason thereof.
1. Specification of the item

| SL. NO | Brief Description of the item | Specification | Delivery period | Approximate quantity |
|---|---|---|---|---|
| 1 | High luminous LED . Street Light- 5 0-wt- Make of all Branded companies | Size-390xl50x65mm-Lumen- 110-lumen lamp and lantern Color-cool white of any Branded companies | Within 7 days of receipt of pur-chase order, | Approximate 200 Nos. |

2. Bid Price
a) The transportation charges are also be included in the Bid Price/quoted price
b) All Taxes duties and other levies related payable by the Bidder under the contract shall be Included in the Bid Price Price/quoted Price
c) The rates quoted by the bidder shall be fixed for the duration of the contract and shall not be subject to adjustment on any account
3. Terms & condition
Each bidder shall submit one quotation as per the enclosed Quotation Format
i) The Bidders are required to deposit an earnest money of Rs.5000/-(Rupees Five Thousand) only in shape of Demand Draft in favour of the E.O., NAC, Khariar Road Quotation Papers submitted without E.M.D. shall not be accepted. The EMD will be forfeited, if a Bidder.
Withdraw its Bid during the validity period of the Bid or (ii) fails to perform the contractual obligations as per the purchase order. The EMD amount of the I unsuccessful Bidder will be refunded after completion of Quotation process.
4. Validity of Quotation
Quotation shall be valid for a period not less than 45 days after the deadline specified for submission.
5. Evaluation of Quotation
The Purchaser will evaluate and compare the quotations determined o be substantially responsive i.c. which (a) are properly signed and (b) confirm to the terms and conditions and specification.
While-submitting the bid. the bidders should submit the following documents.
i. Copy of Sales Tax Registration No/TIN No./GST Registration No.
ii. Copy of up to date VAT Clearance certificate
iii. Copy of dealership certificate
iv. DD in original
6. Award of Contract
i) The purchaser will award contract to the bidder whose quotation has been determined to be substantially responsive and who offered reputed make/model with lowest quotation price.
ii) The bidder whose bid is accepted will be notified of the award of contract by the Purchaser prior to expiration of the quotation validity period. The terms of the accepted offer shall be incorporated in the purchase order.
7. Payment shall be made after delivery of the goods through e-transfer after submission of the bills/vouchers.
8. Any effort by a bidder to influence the purchaser in its decision on bid evaluation or Placement of purchase order may result in rejection of the bidder's offer.
9. Any legal dispute out of this subject Nuapada District jurisdiction only
10. Not withstanding the above, the undersigned reserves the right to accept or reject any quotation and to cancel the bidding process and reject all bids at any time prior to the issue of contract letter.
OIPR-13136/11/0017/2425
Sd/- Executive Officer
NAC, Khariar Road

C-870
Estd. 1974
OFFICE OF THE MUNICIPAL COUNCIL, ANANDAPUR
Mail id-executiveofficer_andp@rediffmail.com
CORRIGENDUM NOTICE
No. 2622 / Dt. 27.10.2024
In reference to the e-procurement Notice No-2412/Dt-05.10.2024 Date has been extended to Dt.06.11.2024 up to 5.30 PM and tender will be opened on Dt.07.11.2024 at 11 AM. Due to Sevier CYCLONE "DANA".
Sd/- Executive Officer
Anandapur Municipality
OIPR-13049/11/0009/2425

ଭୁବନେଶ୍ୱର
୩୦ ଅକ୍ଟୋବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ରାଷ୍ଟ୍ରୀୟ ଏକତା ଦିବସ : କଳିଙ୍ଗ ଷ୍ଟାଡିୟମରେ 'ଏକତା ଦୌଡ'

# ଦେଶର ଏକତା ଓ ଅଖଣ୍ଡତା ପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୁଅନ୍ତୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯/୧୦ ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସକାଳେ କଳିଙ୍ଗ ଷ୍ଟାଡିୟମ ଠାରେ 'ଏକତା ଦୌଡ'କୁ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦୦ ଛୋଟ ପିଲା, କ୍ରୀଡା ହଷ୍ଟେଲର ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ରୀଡା ସଂଗଠନର ପିଲାମାନେ ଯୋଗଦେଇ ଦୌଡରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ନେତୃତ୍ୱ ନେଇ ଏହି ଦୌଡରେ ସାମିଲ ହୋଇଥିଲେ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଦେଶର ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ପଟେଲଙ୍କ ସଂକଳ୍ପ ଓ ଦୃଢ ପଦକ୍ଷେପର ତୁଳନା ନାହିଁ। ଦେଶର ଏକତା ପାଇଁ ସର୍ଦ୍ଦାର ପଟେଲ ସମର୍ପିତ ହୋଇ ଏକ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ କରି ଦେଶୀୟ ରାଜ୍ୟମାନଙ୍କର ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ଲୌହ ମାନବର ଆଖ୍ୟା ଦିଆଯାଏ। ତାଙ୍କ ଆଦର୍ଶରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ଦେଶର ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୋଇ କାମ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, କ୍ରୀଡା ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅକ୍ଟୋବର ୩୧ ତାରିଖକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ରବିବାର ଦିନ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ୨୯ ତାରିଖ ଠାରୁ ରାଷ୍ଟ୍ରୀୟ ଏକତାର ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ରନ୍ ଫର ୟୁନିଟି କାର୍ଯ୍ୟକ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୧୪ ମସିହାରୁ ସାରା ଦେଶରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି।

## ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ୫ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ



**ପୁରୀ ୨୯।୧୦ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଙ୍କ ବନକଲାଗି ପାଇଁ ଦର୍ଶନ ବନ୍ଦ । ବୁଧବାର କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ବନକଲାଗି ବେଳେ ଦତ୍ତମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ସିଂହାର କରିବେ । ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀ ବୃଦ୍ଧି ହୁଏ । ଏହି ବିଶେଷ ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବନକ ଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ ଓ କଳା ଇତ୍ୟାଦି ବ୍ୟବହାର କରାଯିବ । ପାଳିଆ ପୂଜାପଣ୍ଡା, ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ ପୁଷ୍ପାଳକ, ଚାଙ୍ଗଡ଼ା ମେକାପ, ମୁଦୁଲି ଆଦି ସେବକମାନେ ଏହି ନୀତି ସମ୍ପାଦନ କରିବେ ।

# ୭୨ଟି ମଣ୍ଡପରେ ପୂଜା ପାଇବେ ମା' ଶ୍ୟାମାକାଳୀ

## ଚାନ୍ଦିମେଢ଼ ଥିବା ମଣ୍ଡପରେ ବନ୍ଧୁକଧାରୀ ପୁଲିସ ରହିବେ : ଡିସିପି

**କଟକ,୨୯/୧୦ ନ୍ୟୁଜ ବ୍ୟୁରୋ**

କାଳୀ ପୂଜା ଓ ଭସାଣି ପାଇଁ କଟକ କମିଶନରେଟ୍ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଏଥିରେ ଡିସିପି ଜଗମୋହନ ମୀନା ଅଧକ୍ଷତା କରିଥିଲେ। ଚଳିତ ବର୍ଷର ପୂଜା ଆସନ୍ତା ୩୧ ତାରିଖ ଗୁରୁବାରଠାରୁ ଆରମ୍ଭ ହୋଇ ୨ ତାରିଖ ଶନିବାର ପର୍ଯ୍ୟନ୍ତ ଚାଲିବ । ତେବେ ୩ ତାରିଖ ରବିବାର ଦିନ କାଳୀ ପୂଜା ଭସାଣ ଆୟୋଜିତ ହେବ। ବିଦ୍ୟାଧରପୁର କାଳୀ ପୂଜାକୁ ଛାଡ଼ିଦେଲେ ଚଳିତ ବର୍ଷ ୭୨ଟି ମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ପାଇବେ । ୧ ତାରିଖ ଓ ୨ ତାରିଖରେ ବିଭିନ୍ନ ପୂଜା ମଣ୍ଡପ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିପାରିବେ । ପୂଜାର ତିନି ଦିନ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ଚାନ୍ଦିମେଢ଼ ଥିବା ମଣ୍ଡପରେ ବନ୍ଧୁକଧାରୀ ପୁଲିସ ରହିବେ। ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଭସାଣି ଦିନ ସକାଳୁ ମେଢ଼ଗୁଡ଼ିକ ମୁଖ୍ୟ ରାସ୍ତାକୁ ଆସି ଦେବୀଗଡ଼ା ଅଭିମୁଖେ ଯିବେ । ରାତି ୧୨ ପର୍ଯ୍ୟନ୍ତ ଭସାଣ ମାଇକ୍ ବାଜି ଚାଲିବ। ପରେ ପାରମ୍ପରିକ ବାଦ୍ୟରେ ମେଢ଼ ଆଗକୁ ବଢ଼ିବ । ଦଶହରାରେ ୧୪୦ରୁ ଅଧିକ ମେଢ଼ ଯେତିକି ଲମ୍ବ ହୋଇଥିଲା କାଳୀ ପୂଜାରେ ୭୨ଟି ମେଢ଼ ପ୍ରାୟ ସେତିକି ଲମ୍ବର ହେବ । ତେଣୁ ମେଢ଼ଗୁଡ଼ିକ କିଭଳି ତୁରନ୍ତ ଆଗକୁ ବଢ଼ିବ ସେଥିପାଇଁ ପୂଜା କମିଟିଗୁଡ଼ିକ ଉଦ୍ୟମ କରିବା ଦରକାର ବୋଲି ଡିସିପି ଶ୍ରୀ ମୀନା ଅନୁରୋଧ କରିଥିଲେ । ପୂଜା କମିଟିର ସହଯୋଗରେ ହିଁ ଠିକ୍ ସମୟରେ ଭସାଣି ସାରି ହେବ । ତେଣୁ ପୁଲିସକୁ ସହଯୋଗ କରିବାକୁ ଡିସିପି ନିବେଦନ କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ପୂଜା କମିଟି ସଂପାଦକ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସଂପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସଂପାଦକ ପ୍ରଫୁଲ୍ଲ ସାହୁ, ବିଜେପି ନଗର ସଭାପତି ଲଲାଟେନ୍ଦୁ ବଡୁ, ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ବିଜେପି ନେତା ନୟନ କିଶୋର ମହାନ୍ତି, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ଏଡିସିପି ଦେବଦତ୍ତ କର ଓ ତରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇକୋର୍ଟରେ ଏକାଧିକ ନିର୍ବାଚନୀ ମାମଲା ଉପରେ ଶୁଣାଣି

# ବାହାନଗା ଟ୍ରେନ୍ ଟ୍ରାଜେଡି : ୩ ରେଳ କର୍ମଚାରୀଙ୍କୁ ମିଳିଲା ଜାମିନ

**କଟକ ୨୯।୧୦ ନ୍ୟୁଜ ବ୍ୟୁରୋ**

ଏକାଧିକ ନିର୍ବାଚନୀ ମାମଲା ଉପରେ ଶୁଣାଣି କରିଛନ୍ତି ହାଇକୋର୍ଟ । ରାଉରକେଲା ବିଧାୟକ ଶାରଦା ନାୟକ ମଙ୍ଗଳବାର ତାଙ୍କର ଜବାବ ଦାଖଲ କରିଛନ୍ତି । ଶାରଦା ମିଥ୍ୟା ତଥ୍ୟ ଦାଖଲ କରିଛନ୍ତି, ତେଣୁ ତାଙ୍କର ସଭ୍ୟପଦ ରଦ୍ଦ କରିବା ଲାଗି ଆବେଦନ କରି, ପ୍ରତିପକ୍ଷ ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି, ଯାହା ଉପରେ ଆସନ୍ତା ଡିସେମ୍ବର ମାସରେ ଶୁଣାଣି ହେବ । ତେଣେ ୧୧ ନଭେମ୍ବର ସୁଦ୍ଧା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଜବାବ ଦାଖଲ କରିବାକୁ ମଙ୍ଗଳବାର ନିର୍ଦ୍ଦେଶ ହୋଇଛି । ଟଙ୍କଧରଙ୍କ ବିରୁଦ୍ଧରେ



ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଅଭିଯୋଗ ରହିଛି । ସେହିପରି ଜଳେଶ୍ୱର ବିଧାନସଭା ନିର୍ବାଚନୀ ମାମଲା ଉପରେ ଜବାବ ଦାଖଲ କରିବା ଲାଗି ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ସମୟ ଲୋଡିଛନ୍ତି । ଯାହା ଉପରେ ଆସନ୍ତା ମାସ ୧୮ ତାରିଖରେ ଶୁଣାଣି ହେବ। ଭୁବନେଶ୍ୱର ମଧ୍ୟ ନିର୍ବାଚନ ଅନିୟମିତତା ମାମଲା ଉପରେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଆବେଦନକୁ ମଞ୍ଜୁରି ଦେଇଛନ୍ତି ହାଇକୋର୍ଟ । ଜବାବ ଦାଖଲ ପାଇଁ ସମୟ ଲୋଡିଛନ୍ତି ଅନନ୍ତ । ଯାହାକୁ ଆସନ୍ତା ୨୦ ତାରିଖ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି । ଠିକ ସେହିପରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଧ୍ୟ ଜବାବ ଦାଖଲ କରିବାକୁ ସମୟ ଦେଇଛନ୍ତି ହାଇକୋର୍ଟ । ବ୍ୟୋମକେଶଙ୍କ ବିରୁଦ୍ଧରେ ନିର୍ବାଚନ ସତ୍ୟପାଠ ଅନିୟମିତତାର ଅଭିଯୋଗ ହୋଇଛି, ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ମାସରେ ହେବ ।

ସେହିପରି ବାହାନଗା ଟ୍ରେନ ଟ୍ରାଜେଡି ଘଟଣାରେ ୩ ରେଳ କର୍ମଚାରୀଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ରେଳ କର୍ମଚାରୀ ହେଲେ ମହମ୍ମଦ ଅମୀର ଖାନ, ଅରୁଣ କୁମାର ମହନ୍ତ ଏବଂ ପପୁ କୁମାର। ବାଲେଶ୍ୱର ଜିଲ୍ଲା ବାହାନାଗ ଠାରେ ୨୦୨୩ ଜୁନ୍ ୨ ତାରିଖରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ଯେଉଁଥିରେ ୨୯୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା । ବହୁ ଲୋକ ଆହତ ହୋଇଥିଲେ । ଏହି ଦୁର୍ଘଟଣା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା । ସିବିଆଇ ଏହି ମାମଲାର ତଦନ୍ତ କରି ଉପରୋକ୍ତ ତିନିଜଣଙ୍କୁ ଗିରଫ କରିଥିଲା । ନିମ୍ନ ଅଦାଲତରୁ ଜାମିନ୍ ଖାରଜ ହେବା ପରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରୁ ସେମାନଙ୍କୁ ଜାମିନ ପ୍ରଦାନ କରାଯାଇଛି।

## ଡ଼ବଲ ଇଞ୍ଜିନ ସରକାର ଆୟୁର୍ବେଦ କ୍ୟାଡ଼ରକୁ ମଜଭୁତ କରିବ : ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର ୨୯।୧୦ ନ୍ୟୁଜ ବ୍ୟୁରୋ**

ଆୟୁର୍ବେଦକୁ ଗୁରୁତ୍ୱ ଦେବାକୁ ମୋହନ ସରକାରଙ୍କ ପ୍ରତିବଦ୍ଧତା । ଡ଼ବଲ ଇଞ୍ଜିନ ସରକାର ଆୟୁର୍ବେଦ କ୍ୟାଡ଼ରକୁ ମଜଭୁତ କରିବ । ସବୁ ପଞ୍ଚାୟତରେ ଆରୋଗ୍ୟ ମନ୍ଦିର ହେବ । ଜଣେ ଯୋଗ୍ୟ ଶିକ୍ଷକ ରହିବେ । ଓଡ଼ିଶାରେ ୬୫୦୦ ଗ୍ରାମ ପଞ୍ଚାୟତ ରହିଛି, ଯେଉଁଥିରେ ୪୫୦୦ ଗ୍ରାମ ଛାଡି ପଞ୍ଚାୟତରେ ଏହି କାର୍ଯ୍ୟ ଆରମ୍ଭ ହେଲାଣି । ୫ ବର୍ଷ ଭିତରେ ଏହି କାମ ସରିବା ନେଇ ଟାର୍ଗେଟ ରହିଛି । ଯେଉଁଥିରେ ନେଚରୋପ୍ୟାଥି ଓ ଯୋଗର ପ୍ରଚାର ପ୍ରସାର ହୋଇପାରିବ । ଆୟୁର୍ବେଦ ଓ ହୋମିଓପ୍ୟାଥିକ କଲେଜକୁ ସୁଦୃଢ଼ କରାଯିବ । ପିଏଚସି ଓ ସିଏଚସି ଲେଭଲରେ ହୋମିଓପାଥି ମେଡ଼ିସିନ ରଖାଯିବ। ଲୋକଙ୍କ ଭିତରେ କନଫିଡେନ୍ସ ବଢାଇବାକୁ ଆୟୁର୍ବେଦ, ହୋମିଓପ୍ୟାଥି ମେଡ଼ିସିନ ରୋଗକୁ ହରାଏ, ଏ ବିଷୟ ମଧ ଲୋକଙ୍କ ମନରେ ସଚେତନ କରାଯିବ । ଆୟୁର୍ବେଦ କଲେଜରେ ନିଯୁକ୍ତି ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, କିଛି ଦିନ ତଳେ ବିଭିନ୍ନ ଆୟୁର୍ବେଦ କଲେଜରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିଛି । ଆଗାମୀ ୫ ବର୍ଷ ମଧ୍ୟରେ ସବୁ ନିଯୁକ୍ତି କରାଯିବ । ସରକାର ଏ କଥାକୁ ନଜରରେ ରଖିଛନ୍ତି ।

## ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଶିମିଳିପାଳ

# ଓଡ଼ିଶାକୁ ଆସିବେ ୫ ବାଘୁଣୀ : ଜଙ୍ଗଲ ମନ୍ତ୍ରୀ




**ଶିମିଳିପାଳ ୨୯/୧୦ ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର । କିଛିଦିନର ବ୍ୟବଧାନ ପରେ ମଙ୍ଗଳବାରଠୁ ପୁଣି ଖୋଲିଛି ଜାତୀୟ ଉଦ୍ୟାନ ଶିମିଳିପାଳ । ଏ ସୂଚନା ଦେଇଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗିନେନି । ବାତ୍ୟା ଦାନା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ୨୩ରୁ ୨୮ ଯାଏ ସଂପୂର୍ଣ୍ଣ ବନ୍ଦ ରଖିଥିଲେ ଶିମିଳିପାଳ କର୍ତ୍ତୃପକ୍ଷ । ବାତ୍ୟା ଯୋଗୁ ରାସ୍ତାରେ ପାଣି ଚାଲୁଥିବାରୁ ପର୍ଯ୍ୟଟକଙ୍କ ଗାଡି ଯିବା ଆସିବା ସମ୍ଭବ ନଥିଲା । ମଙ୍ଗଳବାର ପାଗ ଶୁଖିଲା ହେବା ପରେ ଶିମିଳିପାଳ ଖୋଲିବା ସହ ପର୍ଯ୍ୟଟକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିଛି ।

ଅନ୍ୟପକ୍ଷରେ ଓଡ଼ିଶାକୁ ଆସିବେ ୫ ବାଘୁଣୀ । ମହାରାଷ୍ଟ୍ରରୁ ଓଡ଼ିଶାକୁ ଆସିବ ଆଉ ୫ ବାଘୁଣୀ । ବର୍ତ୍ତମାନ ଶିମିଳିପାଳରେ ଗୋଟେ ବାଘୁଣୀ ଛଡାଯାଇଛି । ଖୁବ୍ କମ ଦିନ ଭିତରେ ଶିମିଳିପାଳରେ ଆଉ ଗୋଟିଏ ବାଘୁଣୀ ଛଡା ଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏନେଇ ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସୂଚନା ଥାଉକି, ମହାରାଷ୍ଟ୍ରର ତାଡୋବା ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ବାଘୁଣୀକୁ ଶିମିଳିପାଳ ଏନକ୍ଲୋଜରରେ ସଫଳତାର ସହ ଛଡାଯାଇଛି । ଦୀପାବଳିର ସପ୍ତାହେ ପରେ ସେହି ପ୍ରକଳ୍ପରୁ ପୁଣି ଆଉ ଏକ ବାଘୁଣୀ ଆସିବ ଶିମିଳିପାଳ । ଯମୁନାର ସ୍ୱାସ୍ଥ୍ୟବସ୍ଥା ଦେଖି ନୂଆ ବାଘୁଣୀ ଆସିବାର ଧାର୍ଯ୍ୟ ହେବ ଦିନ । ତେବେ ଯମୁନାକୁ ଛଡାଯିବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଖୁବ୍ ଫୁର୍ତ୍ତିର ସହ ଖେଳୁଛି ଓ ସୁସ୍ଥ ଅଛି ବୋଲି ସୂଚନା ମିଳିଛି । ଯମୁନା ଦେହରେ କଲର ଆଇଡି ଲାଗି ଥିବାରୁ ସବୁ ସମୟରେ ତାକୁ ଟ୍ରାକ୍ କରିବା ସହିତ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଯାଞ୍ଚ୍ କରାଯାଇପାରିବ । ମହାରାଷ୍ଟ୍ର ଓ ଶିମିଳିପାଳର ଏକ ମିଳିତ ବିଶେଷଜ୍ଞ ଦଳ ବର୍ତ୍ତମାନ ଯମୁନା ଉପରେ ଦିନରାତି ନଜର ରଖିଛନ୍ତି । ନୂଆ ସ୍ଥାନ ଓ ଜଳବାୟୁ ସହିତ ଅଲଗା ପରିସ୍ଥିତିରେ ତା'ର ଗତିବିଧି ଏବଂ ସ୍ୱାସ୍ଥ୍ୟ କେମିତି ରହୁଛି ତା' ଉପରେ ନଜର ରଖିଛି ବିଭାଗ । ୨୦୧୪ରୁ ଶିମିଳିପାଳରେ କେବଳ ଗୋଟିଏ ପୁରୁଷ ବାଘ ରହିଥିବାରୁ ତା' ଠାରୁ ଜନ୍ମ ବାଘ ମାନଙ୍କର ପୁଣି ବଂଶ ବିସ୍ତାର ହେବା ଫଳରେ ଏକ ଅନିୟନ୍ତ୍ରିତ ବଂଶ ବିସ୍ତାର ଯୋଗୁଁ ମିଲେନିଷ୍ଟିକ୍ ଟାଇଗର ବା କଳବାଘ ଭଳି ପ୍ରଜାତିର ଜନ୍ମ । ଏହି ସଂଖ୍ୟା ନିୟନ୍ତ୍ରଣ କରି ସୁସ୍ଥ ମହାବଳ ବାଘର ବଂଶ ବିସ୍ତାର କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି କହିଛନ୍ତି ଶିମିଳିପାଳର ମୁଖ୍ୟ ବନ ସଂରକ୍ଷକ।

## ମହାପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଶିଳ୍ପା ସେଠୀଙ୍କ ଫଟୋ ଉଠେଇବା ପ୍ରସଙ୍ଗ : ସେବାୟତଙ୍କୁ ପଠାଯିବ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର ୨୯/୧୦ ନ୍ୟୁଜ ବ୍ୟୁରୋ**



ମହାପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଶିଳ୍ପା ସେଠୀଙ୍କ ଫଟୋ ଉଠେଇବା ଘଟଣାରେ ସମ୍ପୃକ୍ତ ସେବାୟତଙ୍କୁ ପଠାଯିବ କାରଣ ଦର୍ଶାଅ ନୋଟିସ। କାହିଁକି ନିୟମ ଉଲ୍ଲଂଘନ କରିଲେ ମଗା ଯିବ ଉତ୍ତର । ୭ ଦିନ ମଧ୍ୟରେ ସମ୍ପୃକ୍ତ ସେବାୟତ ଦେବେ ଉତ୍ତର। ଉତ୍ତର ଦେବା ପରେ ତର୍ଜମା କରାଯାଇ ନିଆଯିବ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି । ଏନେଇ ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରନାରାଣ ମହାନ୍ତି ସୂଚନା ଦେଇଛନ୍ତି। ସେପଟେ ଲିଙ୍ଗରାଜ ମନ୍ଦିର ଭିତର ଫଟୋ ଉଠେଇବାକୁ ନେଇ ନିନ୍ଦା କରିଛନ୍ତି ଅନ୍ୟ ସେବାୟତ। ମନ୍ଦିର ଭିତରେ ଫଟୋ ଉଠେଇବା ସେବାୟତଙ୍କ ଭୁଲ। ସେବାୟତମାନେ ନିୟମ ମାନିବା ଦରକାର । ଶିଳ୍ପା ସେଠୀ ନିୟମ ଜାଣିନାହାନ୍ତି, କିନ୍ତୁ ତାଙ୍କ ସାଙ୍ଗରେ ଥିବା ସେବାୟତ ନିୟମ ଜାଣିଛନ୍ତି । ସେ ଅବଗତ କରାଇବା ଦରକାର । ସେବାୟତ ସଚେତନ ହେବା ଦରକାର । ଏମିତି ଘଟଣା ବାରମ୍ବାର ହେଉଛି । ମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି କହିଛନ୍ତି ଲିଙ୍ଗରାଜ ମନ୍ଦିର ବ୍ରହ୍ମାଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି।

## ଆସିଲା ଡ୍ୟାନ୍ସ ବାର୍ ଗାଇଡ ଲାଇନ୍ : ନାଚିବେ ନି, ଗୀତ ଗାଇବେ

**ଭୁବନେଶ୍ୱର, ୨୯/୧୦ ନ୍ୟୁଜ ବ୍ୟୁରୋ**

ଡ୍ୟାନ୍ସ ବାର୍‌କୁ ନେଇ ଆସିଲା ବଡ଼ ସୂଚନା। ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି । ଏଣିକି ଡ୍ୟାନ୍ସ ବାର୍‌ରେ ନାଚି ପାରିବେନି ଯୁବତୀ । କେବଳ ଗୀତ ଗାଇବା ଓ ମ୍ୟୁଜିକାଲ ଆରକେଷ୍ଟ୍ରା ପାଇଁ ମିଳିଲା ଅନୁମତି । ୨୧ବର୍ଷରୁ କମ୍ ଯୁବତୀଙ୍କୁ ବାର୍‌ରେ କାମ କରିବାକୁ ମିଳିବନି ଅନୁମତି । ବାର୍ ଭିତରେ ସିସିଟିଭି ଲଗାଇବାକୁ ବାଧ୍ୟତା ମୂଳକ କରାଯାଇଛି । ୩ ମାସ ଷ୍ଟୋରେଜ ଥିବା ପରି ଲାଗିବ ସିସିଟିଭି । ସେହିଭଳି ଭାବେ ଷ୍ଟେଜ ୩ଫୁଟ ଉଚ୍ଚତା ଥିବାବେଳେ ଗ୍ରାହକମାନେ ୫ଫୁଟ ଦୂରତାରେ ବସିବେ। ଅଶ୍ଳୀଳ ଡ୍ରେସ ପିନ୍ଧି ଯୁବତୀ କାମ କିମ୍ବା ନାଚ କରିପାରିବେ ନାହିଁ । ଷ୍ଟେଜ ଉପରକୁ ଟଙ୍କା ଫିଙ୍ଗି ପାରିବେ ନାହିଁ ଗ୍ରାହକ ବୋଲି ଆସିଛି ଗାଇଡ଼ ଲାଇନ ।



## ପାଟନା ମେଟ୍ରୋ ଟନେଲରେ ଦୁର୍ଘଟଣା : ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଭୁବନେଶ୍ୱର ୨୯।୧୦ ନ୍ୟୁଜ ବ୍ୟୁରୋ**

ବିହାର ପାଟନାରେ ମେଟ୍ରୋ ଟନେଲରେ ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କଲେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ । ମନ୍ତ୍ରୀ କହିଛନ୍ତି, ବିହାର ପାଟଣାରେ ଏକ ଟନେଲରେ କାମ କରୁଥିବା ୭ ଜଣଙ୍କ ମଧ୍ୟରୁ ୩ ଜଣ ଓଡ଼ିଆ ଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଆଧାର କାର୍ଡର ତର୍ଜମା କରାଯାଉଛି । ମନୋଜ ଓ ଶ୍ୟାମଙ୍କ ମୃତ୍ୟୁ ହୋଇଛି । ବିଜୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଡିଏଲ୍‌ଓ ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି । ସେ ଯାଇ ସେମାନଙ୍କ ପରିଚୟ ଖୋଜିବା ପରେ ପରବର୍ତ୍ତୀ ଅବସ୍ଥାରେ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ କଲା ପୋଲିସ : ୯୫ କେଜି ଡ୍ରଗ୍ସ ଜବତ

**ନୂଆଦିଲ୍ଲୀ, ୨୯/୧୦**

ଦିଲ୍ଲୀ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ କଲା ପୋଲିସ। ୯୫ କେଜିର ଜବତ କରିଛି ଡ୍ରଗ୍ସ। ତେବେ ତିହାର ଜେଲର ଓ୍ୱାର୍ଡେନ ଏହି ଡ୍ରଗ୍ସ କାରବାର କରୁଥିବା ଜଣାପଡିଛି । ରିପୋର୍ଟ ଅନୁସାରେ, ତିହାର ଜେଲର ଓ୍ୱାର୍ଡେନ ନୋଏଡାର ଗୌତମ ବୁଦ୍ଧ ନଗରରେ ଏକ ମେଥ୍ ଲ୍ୟାବ୍ ଚଳାଇଥିଲେ। ଅର୍ଥାତ୍ ମେଥାମଫେଟାମିନ ଡ୍ରଗ୍ ଲ୍ୟାବ୍। ଏହି ଲ୍ୟାବକୁ ସେ ମୁମ୍ବାଇର ଜଣେ କେମିଷ୍ଟଙ୍କ ସହଯୋଗରେ ପରିଚାଳିତ କରୁଥିଲେ। ସେମାନଙ୍କ ସହ ଦିଲ୍ଲୀର ଜଣେ ବ୍ୟବସାୟୀ ମଧ୍ୟ ସାମିଲ ଥିଲେ। ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ଅକ୍ଟୋବର ୨୫ରେ ଏହି ଲ୍ୟାବ୍ ଉପରେ ଚଢଉ କରି ୯୫ କେଜିର ମେଥାମଫେଟାମିନ ଡ୍ରଗ୍ସ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦିଲ୍ଲୀର ଜଣେ




ବ୍ୟବସାୟୀ ମଧ୍ୟ ଅଛନ୍ତି। ଉକ୍ତ ବ୍ୟକ୍ତିଙ୍କୁ ପୂର୍ବରୁ ଆୟକର ବିଭାଗ ନିଶା କାରବାର ମାମଲାରେ ଅଟକ ରଖି ପଚରା ଉଚରା କରିଥିଲା। ସେ ଏହି ଡ୍ରଗ୍ ଲ୍ୟାବ୍ ପରିଚାଳନା ମାମଲାରେ ତିହାର ଜେଲ୍ ଓ୍ୱାର୍ଡେନଙ୍କ ସମ୍ପୃକ୍ତି ଥିବା କହିଥିଲେ। ସେ ଆହୁରି କହିଥିଲେ ଯେ, ଓ୍ୱାର୍ଡେନ ତାଙ୍କୁ ଡ୍ରଗ୍ ଉତ୍ପାଦନ ପାଇଁ ଆବଶ୍ୟକ ରାସାୟନିକ ପଦାର୍ଥ ଏବଂ ଯନ୍ତ୍ରପାତି କିଣିବାରେ ସାହାଯ୍ୟ କରିଥିଲେ। ସେହିପରି ମାମଲାରେ ଜଣେ ଅଭିଯୁକ୍ତ ମୁମ୍ବାଇ ସ୍ଥିତ ଜଣେ କେମିଷ୍ଟଙ୍କ ସମ୍ପୃକ୍ତି ଥିବା ବି କହିଥିଲେ। ଅକ୍ଟୋବର ୨୭ରେ ସମସ୍ତ ଚାରିଜଣ ସନ୍ଦିଗ୍ଧଙ୍କୁ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେଇଛି ପୋଲିସ। ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ଜଣେ ସହଯୋଗୀଙ୍କୁ ଅଟକ ରଖିଛି। ଏହି ଅପରେସନ ଏନସିବି ଏବଂ ଦିଲ୍ଲୀ ପୁଲିସ ମିଳିତ ଭାବେ କରିଥିଲେ।

# ବଜାରରେ ମାଲମାଲ ନକଲି ହେଲ୍‌ମେଟ୍: ପୁଲିସ ଯାଞ୍ଚ କରୁନଥିବାରୁ ଚାଲିଛି ବିକ୍ରି

**ଭୁବନେଶ୍ୱର,୨୯/୧୦ ନ୍ୟୁଜ ବ୍ୟୁରୋ**

ବଜାରରେ ଏବେ ମାଲମାଲ ନକଲି ହେଲ୍‌ମେଟ୍ । ପୁଲିସ ମଧ ଯାଞ୍ଚ କରୁନଥିବାରୁ ବ୍ୟବସାୟୀ ଏହାକୁ ବିକୁଛନ୍ତି । ଅସଲି ଆଉ ନକଲି ମଧରେ ଜନସାଧାରଣ ଫରକ ଜାଣିପାରୁନଥିବାରୁ ସେମାନେ ଏହାକୁ କିଣୁଛନ୍ତି । ଏହାଦ୍ୱାରା ସେମାନେ କେବଳ କ୍ଷତିଗ୍ରସ୍ତ ହେବା ସାର ହେଉଛି । ହେଲେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ସବୁ ରାଜ୍ୟର ଜିଲ୍ଲାପାଳମାନଙ୍କୁ ନକଲି ହେଲମେଟ୍ ହଟାଇବାକୁ ନିର୍ଦ୍ଦେଶ ଦେବା ପରେ ଏବେ ଅସାଧୁ ବ୍ୟବସାୟୀମାନେ ଚିନ୍ତାରେ । ଅସାଧୁ ବ୍ୟବସାୟୀମାନେ ବିଆଇଏସ୍ ଓ ଆଇଏସ୍‌ଆଇ ମାର୍କର ଅପବ୍ୟବହାର



କରୁଥିବା ଅଭିଯୋଗ ହେବା ପରେ ଏହି ନିର୍ଦ୍ଦେଶ ଦିଆଯାଇଛି । ହେଲମେଟ୍ ନିର୍ମାତା ବିଆଇଏସ୍ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ଲାଇସେନ୍ସ ପାଇଛନ୍ତି କି ନାହିଁ ତାହା ଜାଣିବାକୁ ଖାଉଟି ବିଆଇଏସ୍ କେୟାର ଆପ୍ କିମ୍ବା ବିଆଇଏସ୍ ୱେବ୍‌ସାଇଟ୍‌ରେ ଏହାକୁ ଯାଞ୍ଚ କରିପାରିବେ ।

ଆଇନ କହୁଛି ଆଇଏସ୍‌ଆଇ (ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ ଇନ୍‌ଷ୍ଟିଚ୍ୟୁସନ୍ ମାର୍କ) ଚିହ୍ନ ନ ଥିବା ହେଲମେଟ୍ ପିନ୍ଧିବା ଯୋଗ୍ୟ ନୁହେଁ । ହେଲେ ପୁଲିସକୁ ଭକୁଆ ବନାଉଛି ଆଇଏସ୍‌ଆଇ ଚିହ୍ନ ରହିଥିବା ନକଲି ହେଲ୍‌ମେଟ୍ । ସାଧାରଣତଃ ଆଇଏସ୍‌ଆଇ ଚିହ୍ନ ଥିବା ହେଲ୍‌ମେଟ୍‌କୁ ଲୋକେ ଅସଲି ଭାବନ୍ତି । ହେଲେ ନକଲି ହେଲ୍‌ମେଟ୍‌ରେ ମଧ ଆଇଏସ୍‌ଆଇ ଚିହ୍ନ ରହୁଛି । ନିର୍ଦ୍ଧାରିତ ମାନର ହେଲ୍‌ମେଟ୍ ଗ୍ରାହକଙ୍କୁ ଯୋଗାଇବାର ନିୟମ ରହିଥିଲେ ମଧ ଏହାକୁ ଅନେକ ମାନୁନାହାନ୍ତି । ନକଲି ହେଲ୍‌ମେଟ୍‌ରେ ସାମାନ୍ୟ ଆଘାତ ହେଲେ ଏହା ନଷ୍ଟ ହୋଇଯାଇଥାଏ । ଏହା ବିକ୍ରି କରିବା ବେଆଇନ୍ ହୋଇଥିଲେ ମଧ୍ୟ ଏଥିରେ କଟକଣା ଲଗାଯାଇପାରୁ ନାହିଁ । ସେହିପରି ନକଲି ହେଲମେଟ୍ ବିକୁଥିବା ବ୍ୟବସାୟୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ।

ମୁଖ୍ୟତଃ ୪ ପ୍ରକାର ହେଲ୍‌ମେଟ୍ ରହିଥାଏ । ଯଥା-ହାଫ୍ ଫେସ୍ ହେଲ୍‌ମେଟ୍, ଫୁଲ୍ ଫେସ୍ ହେଲ୍‌ମେଟ୍, କ୍ୟାପ୍ ହେଲମେଟ୍ , ମଡ୍ୟୁଲାର ହେଲମେଟ୍ । କ୍ୟାପ୍ ହେଲ୍‌ମେଟ୍ ବ୍ୟାନ୍ ହୋଇଥିବାରୁ ଏହା ବଜାରରେ ଉପଲବ୍ଧ ହେଉନି । ଏବେ ମୁଖ୍ୟତଃ ଅନ୍ୟ ୩ ପ୍ରକାର ହେଲମେଟ୍ ମିଳୁଛି । ଏବେ ବଜାରକୁ ନୂଆ କରି ବ୍ଲୁ ଟୁଥ୍ ଡିଭାଇସ୍ କମ୍ୟୁନିକେସନ୍ ହେଲ୍‌ମେଟ୍ ଆସିଛି । ଏହାକୁ ପିନ୍ଧି ଜଣେ ଚାଳକ ଜରୁରି ସ୍ଥିତିରେ ବ୍ଲୁ ଟୁଥ୍ ମାଧ୍ୟମରେ ଫୋନ୍‌ରେ କଥା ହୋଇପାରିବେ । ସେହିପରି ଗାଡ଼ି ଚଳାଇବା ସମୟରେ ସମ୍ମୁଖରୁ ଅନ୍ୟ କୌଣସି ଗାଡ଼ିର ହେଡ୍‌ଲାଇଟ୍‌ରୁ ଆଲୋକ ପଡ଼ିଲେ ସ୍ପଷ୍ଟ ଦେଖାଯାଏ ନାହିଁ । ସେପରି ସ୍ଥଳେ ହେଲ୍‌ମେଟ୍‌ରେ ଧଳା ରଙ୍ଗର ଭାଇଜରକୁ ବଦଳାଇ ହଳଦିଆ ରଙ୍ଗର ଭାଇଜର ଲଗାଇ ହେବ ।